## ସଂକ୍ଷେପରେ

### ଡ୍ରେସ୍ ଇସ୍ତ୍ରି ବେଳେ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ବାସୁଦେବପୁର,୨୫।୭(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଦର୍ଶନପୁର ଗ୍ରାମର ମହାଳିକ ସାହିରେ ଗୁରୁବାର ମଧ୍ୟାହ୍ନରେ ଡ୍ରେସ୍ ଇସ୍ତ୍ରି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେଶ ମହାଳିକଙ୍କ ପୁଅ ମେଧାବୀ ଛାତ୍ର ରଶ୍ମିରଞ୍ଜନ(୧୮)। ରଶ୍ମିରଞ୍ଜନ ଘରେ ନିଜ ଡ୍ରେସ୍ ଇସ୍ତ୍ରି କରୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ତାର ତାଙ୍କ ଦେହରେ ଲାଗି ଯାଇଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

### ଘରେ ଶୋଇଥିଲେ, ସାପ କାମୁଡ଼ାରେ ଜୀବନ ଗଲା

ବାସୁଦେବପୁର,୨୫।୭(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଅଢ଼ୁଁଆ ଗ୍ରାମରେ ଘରେ ଶୋଇଥିବା ବେଳେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ବୃନ୍ଦାବନ ମଳିକଙ୍କ ପୁଅ ରଞ୍ଜନ ମଳିକ(୨୨)। ସେ ଓ ତାଙ୍କ ଦୁଇଭାଇ ବୁଧବାର ରାତିରେ ଗୋଟିଏ ଘରେ ଶୋଇଥିବା ବେଳେ ରଞ୍ଜନଙ୍କୁ ଏକ ବିଷଧର ସାପ କାମୁଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

### ପୂର୍ବତନ ଶିକ୍ଷାଧିକାରୀଙ୍କ ପରଲୋକ

ଭଦ୍ରକ,୨୫।୭(ସନାତନ ରାଉତ)

ଶିକ୍ଷାବିତ୍ ତଥା ଭଦ୍ରକ-୧ର ପୂର୍ବତନ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ନାୟକ(୮୫)ଙ୍କ ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି। ଜଣେ ଶିକ୍ଷାବିତ୍, ସୁପ୍ରଶାସକ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ସେ ବାର୍ଦ୍ଧକ୍ୟଜନିତ ରୋଗରେ କିଛିଦିନ ଧରି ଅସୁସ୍ଥ ଥିବାବେଳେ ଗତ ରବିବାର ତାଙ୍କର ପରଲୋକ ହୋଇଛି।

### ବାଇକ୍-ସ୍କୁଟି ଧକ୍କା, ଜଣେ ଗୁରୁତର

ଧାମନଗର,୨୫।୭(ସନ୍ତୋଷ କୁମାର ମହାପାତ୍ର)

୧୬ ନଂ. ଜାତୀୟ ରାଜପଥରୁ ଧାମନଗରକୁ ସଂଯୋଗ ହୋଇଥିବା ମୁଖ୍ୟରାସ୍ତାର ଭଗବାନପୁର ପଞ୍ଚାୟତ ମେଲଣଡିହ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ଜଣକ ହେଉଛନ୍ତି ସ୍କୁଟି ଆରୋହୀ ପଧାନୀ ପଞ୍ଚାୟତର ମାନସ କୁମାର ସାହୁ(୪୦)। ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭଦ୍ରକରୁ ଧାମନଗର ଅଭିମୁଖେ ବାଇକ୍ ଓ ସ୍କୁଟି ଫେରୁଥିବା ବେଳେ ଉକ୍ତ ଛକ ନିକଟରେ ଥିବା ଖାଲକୁ ଅତିକ୍ରମ କରିବା ସମୟରେ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ବାଇକ୍ ଆରୋହୀ ଫେରାର ହୋଇଯାଇଛନ୍ତି। ଏହି ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପସ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବିନା ଅନୁମତିରେ ଛୁଟିରେ ଡାକ୍ତର, ସ୍ୱାସ୍ଥ୍ୟସେବା ବ୍ୟାହତ

ଭଦ୍ରକ,୨୫।୭ (ସନାତନ ରାଉତ)

ବିନା ଅନୁମତିରେ ଡାକ୍ତର ଛୁଟିରେ ଅଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଛି। ଭଦ୍ରକ ଜିଲାରେ ବିଭିନ୍ନ ଡାକ୍ତରଖାନାର ୪ ସରକାରୀ ଡାକ୍ତର ବିନା ଅନୁମତିରେ ଛୁଟିରେ ଥିବା ଜଣାପଡ଼ିଛି। ଏଥିଯୋଗୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ନିୟମିତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ଲେଖିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା କୁହାଯାଇଛି।



ଜିଲା ମୁଖ୍ୟ ଚିକିତ୍ସାଳୟ।

ମିଳିଥିବା ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟର ଏଲ୍‌ଟିଆର୍‌ଏମ୍‌ଓ (ଲିଭ୍ ଟ୍ରାଞ୍ଜିଟ୍ ମେଡିକାଲ ଅଫିସର) ୨୦୨୨ ମେ ୧୦ରୁ ଛୁଟିରେ ଅଛନ୍ତି। ଗତ ଦୁଇବର୍ଷ ଧରି ଡାକ୍ତର ଜଣକ ଛୁଟିରେ କେଉଁଆଡ଼େ ଯାଇଛନ୍ତି, ସେ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଜଣାନାହିଁ। ଜିଲାର ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ୨୦୨୧ ଜୁନ୍ ୨୮ରେ କାର୍ଯ୍ୟଭାର ନେଇଥିଲେ। ଦାୟିତ୍ୱ ନେବା ପରଠାରୁ ସେ କାର୍ଯ୍ୟରେ ଯୋଗ ଦେଇ ନ ଥିବା ଜଣାପଡ଼ିଛି। ୩ ବର୍ଷ ଧରି ଅନୁପସ୍ଥିତ ଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର ଚର୍ମରୋଗ ବିଶେଷଜ୍ଞ ୨୦୨୩ ନଭେମ୍ବର ୧୬ରୁ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଅଛନ୍ତି। ଏ ବାବଦରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରଭାବ ଦେଖିବାକୁ ମିଳିନାହିଁ। ତାଙ୍କ ସ୍ଥାନରେ ଅନ୍ୟ ଜଣେ ଚର୍ମରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି। ସେ ମଧ୍ୟ ଅନୁରୂପ ଭାବେ ଗତ ଏପ୍ରିଲ ୨୬ରୁ ପ୍ରାୟ ୩ ମାସ ହେଲା ଛୁଟିରେ ରହିଛନ୍ତି। ଫଳରେ ପ୍ରତ୍ୟେହ ଦୂରଦୂରାନ୍ତରୁ ଖର୍ଚ୍ଚାନ୍ତ ହୋଇ ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଶତାଧିକ ଚର୍ମ ରୋଗୀ ନିରାଶ ହୋଇ ଫେରୁଛନ୍ତି। ଚର୍ମ ବିଶେଷଜ୍ଞଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଘରୋଇ ହସ୍ପିଟାଲରେ ରୋଗୀମାନଙ୍କୁ ଶୋଷଣ କରାଯାଉଛି।

ସେହିପରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ଡାକ୍ତରଙ୍କୁ ପଦୋନ୍ନତି ପରେ ୨୦୧୯ରେ ଜିଲା ମୁଖ୍ୟ ଚିକିତ୍ସାଳୟର ଟ୍ରମାକେୟାର ୟୁନିଟ୍‌କୁ ବଦଳି କରାଯାଇଥିଲା। ତତ୍କାଳୀନ ଜିଲାପାଳଙ୍କ ସୁପାରିଶକ୍ରମେ ତାଙ୍କୁ ପୁନର୍ବାର ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଯାଇଥିଲା। ୫ବର୍ଷ ଧରି ଟ୍ରମାକେୟାର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ ଅନୁପସ୍ଥିତ ରହିବା ସ୍ୱାସ୍ଥ୍ୟ ବିଭାଗର ବିଚିତ୍ର ନୀତିକୁ ପଦାରେ ପକାଇଛି। ଏନେଇ ନୂତନ ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା. ପ୍ରଭାତ କୁମାର ବେହେରା କହିଛନ୍ତି, ଏମାନଙ୍କ ଅନୁପସ୍ଥିତି ନେଇ ବାରମ୍ବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। କାଗଜପତ୍ରରେ ଡାକ୍ତରମାନେ ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ଥିବାରୁ ଏହି ବିଭାଗ ପାଇଁ ନୂତନ ଡାକ୍ତର ନିଯୁକ୍ତି ହୋଇପାରୁ ନାହାନ୍ତି। ଏଥିପାଇଁ ସ୍ୱାସ୍ଥ୍ୟସେବାରେ ସମସ୍ୟା ସୃଷ୍ଟି ହେଉଛି।

# ସମ୍ବର୍ଦ୍ଧିତ ହେବେ ସ୍ୱାଧୀନତା ସଂଗ୍ରାମୀ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ,୨୫।୭(ସନାତନ ରାଉତ)

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି**

ଭଦ୍ରକ ଜିଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୪ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍‌ପି ବାମଦେବ ସିଂ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଆବାହକ ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ବିଗତ ବର୍ଷର ପାଳନ ବିବରଣୀ ଉପସ୍ଥାପନ ଆଧାରରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତ୍ୟୁଷରୁ ରାମଧୂନ ପରିକ୍ରମା, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପ୍ରଭାତଫେରୀ, ସକାଳ ୭ଟା ୩୦ଟା ସୁଦ୍ଧା ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ, ସହର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭଦ୍ରକ କଲେଜ ଖେଳପଡ଼ିଆରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସକାଳ ୯ଟା ୧୫ରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ପରେଡ୍, ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଥିଲା। ପରେଡ୍ କାର୍ଯ୍ୟକ୍ରମ ପରେ ମୁଖ୍ୟଅତିଥି ଜିଲା ମୁଖ୍ୟ ଡାକ୍ତରଖାନାରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ କରିବା ସହ ରୋଗୀମାନଙ୍କୁ ଫଳ ବଣ୍ଟନ କରିବେ। ଜିଲା ସଂସ୍କୃତି ଭବନରେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ମଧ୍ୟ ମୁଖ୍ୟଅତିଥି ଉଦ୍‌ଘାଟନ କରିବେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

ଅଗଷ୍ଟ ୬ରୁ ୮ ପର୍ଯ୍ୟନ୍ତ ସଂସ୍କୃତି ଭବନରେ ବିଭିନ୍ନ ସ୍କୁଲର ପିଲାମାନଙ୍କ ମଧ୍ୟରେ ଓଡ଼ିଆ, ଇଂଲିଶ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ଜିଲାସ୍ତରୀୟ କମିଟିର ସଦସ୍ୟ ଭାବେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ବୈଠକରେ ଉପସ୍ଥିତ ଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ ଧୁଷୁରୀ ବଜାର


ଜବରଦଖଲ ଯୋଗୁ ରାସ୍ତା ଜାମ୍

ଅସୁରାଳି,୨୫।୭ (ସନ୍ତୋଷ ପ୍ରଧାନ)

- ରାସ୍ତା ଉପରେ ବସୁଛି ପରିବା ହାଟ
- ସଙ୍କୁଚିତ ହୋଇଗଲାଣି ମୁଖ୍ୟରାସ୍ତା
- ଟ୍ରାଫିକ୍ ସମସ୍ୟା ଉତ୍କଟ

ଭଦ୍ରକ ଜିଲା ଧାମନଗର ବ୍ଲକର ଧୁଷୁରୀ ବଜାର ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଧୁଷୁରୀ ବଜାର ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ପାଖରୁ ଘୁଷୁରାଣୁଣୀ ଛକ ପର୍ଯ୍ୟନ୍ତ ଜବରଦଖଲରେ ରହିଛି। ସେହିପରି ବଜାରର ହରଡ଼ଘାଇ ପୋଲ ନିକଟରୁ ଧୁଷୁରୀ ସ୍କୁଲ ଛକ ପର୍ଯ୍ୟନ୍ତ ସରକାରୀ, ଗୋଚର ଜମିକୁ ଜବରଦଖଲ କରାଯାଇଛି।

ଏହି ମୌଜାର ଖାତା ନମ୍ବର ୮୧୨ ଅଧୀନ ୧୮୦୬, ୧୮୦୭, ୧୮୦୮ ପ୍ଲଟକୁ ବହୁ ବ୍ୟବସାୟୀ କବ୍‌ଜା କରି ରଖିଛନ୍ତି। ଜବରଦଖଲ କାରଣରୁ ଧୁଷୁରୀ ମୁଖ୍ୟରାସ୍ତା ସଙ୍କୁଚିତ ହୋଇଯାଇଛି। ହାଟ ପାଇଁ ଜାଗା ଥିଲେ ମଧ୍ୟ ସେଠାରେ ଜବରଦଖଲ ଥିବାରୁ ରାସ୍ତା ଉପରେ ପରିବା ହାଟ ବସୁଛି। ଆରଡ଼ି କ୍ଷେତ୍ରକୁ ଯିବା ପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେହ ଏହି ରାସ୍ତାରେ ବହୁ ସଂଖ୍ୟାରେ ଗାଡ଼ି ଚଳାଚଳ କରୁଛି। ରାସ୍ତାରେ ହାଟ ବସୁଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି। ଅଧିକାଂଶ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଅପରପକ୍ଷେ ରାସ୍ତାକୁ ମାଡ଼ି ଦିନକୁ ଦିନ ନୂଆ ଦୋକାନ ଗୃହ ଗଢ଼ି ଉଠୁଛି। ଅଧିକାଂଶ ବେଳେ ଟ୍ରାଫିକ୍ ସମସ୍ୟା ହଟାଇବାକୁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଏନେଇ ତହସିଲଦାର ଦୀପକ ଦାସ କହିଛନ୍ତି, ସରକାରୀ ଜମିରେ କେଉଁମାନେ ଘର ନିର୍ମାଣ ସହ ଜବରଦଖଲ କରିଛନ୍ତି, ତଦନ୍ତ କରି ଠିକ୍ ରିପୋର୍ଟ ଦେବାକୁ ଧୁଷୁରୀ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଦାଖଲ ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ।

### ବଦଳିଲେ ୨ ଥାନାଧିକାରୀ, ଜଣେ ସବ୍‌ଇନ୍ସପେକ୍ଟର

ଭଦ୍ରକ,୨୫।୭ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପୋଲିସରେ ବୁଧବାର ୨ଜଣ ଥାନାଧିକାରୀ ଓ ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ଚିଠି ନଂ. ୯୨୭ ଅନୁଯାୟୀ, ଭଦ୍ରକ ଟାଉନ ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତିଙ୍କୁ ଭଣ୍ଡାରିପୋଖରୀ ଥାନାଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଭଣ୍ଡାରିପୋଖରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ଟାଉନ ଥାନାକୁ ବଦଳି ହୋଇଛି। ଟାଉନ ଥାନାର ସବ୍‌ଇନ୍ସପେକ୍ଟର ଶ୍ରୀକାନ୍ତ ପତିଙ୍କୁ ଆଗରପଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ବଦଳି କରାଯାଇଛି। ବଦଳି ହୋଇଥିବା ନୂଆ ଥାନାରେ ଖୁବ୍‌ଶୀଘ୍ର ଯୋଗଦେବାକୁ ଏସ୍‌ପି ଚିଠିରେ ଉଲ୍ଲେଖ କରିଛନ୍ତି।

### ସୋହଦା ଏ କରବଲା କନ୍‌ଫରେନ୍ସ

ଆଗରପଡ଼ା,୨୫।୭(ସୁଶାନ୍ତ ଦାଶ)

ଆଗରପଡ଼ା ଥାନା ଅଧୀନ ପୁରୁଷଣ୍ଡ ମୁସ୍‌ଲିମ ସାହିରେ ମହରମ ଅବସରରେ ବୁଧବାର ସୋହଦା ଏ କରବଲା କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି। ଧାମନଗରର ଧର୍ମ ପ୍ରଚାରକ ଅଲ୍ଲାମା ମୌଲାନା ଅବଦୁଲ ହନିଫ ହବିବି ମୁଖ୍ୟ ପ୍ରବଚକ ଭାବେ ଯୋଗଦେଇ ହଜରତ୍ ଏମାମ ହୋସେନ ଓ ହାସନ୍ ଅଲହେ ସଲାମ୍‌ଙ୍କ ଧର୍ମରକ୍ଷା ନିମନ୍ତେ ବଳିଦାନ ବିଷୟରେ ପ୍ରକାଶ କରିଥିଲେ। ଏଥିସହ ଓଡ଼ିଶାର ବହୁ ସାୟର ଉପସ୍ଥିତ ରହି ସାୟରୀ ଉପସ୍ଥାପନା କରିଥିଲେ। ରାତି ୧୦ଟାଠାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଭୋର ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଆଫରୁଦ୍ଦିନ ଖାଁ, ଗୋଲାମ ରବାନି, ଫଜ୍ଲୁଲ ରହେମାନ, ଜନାଉଲ କାଦରୀ, ସେକ ରୋସନ, ବଣ୍ଟି ଖାଁ, ସେକ୍ ପିଙ୍କୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କ୍ରୀଡ଼ାବିତ୍‌ଙ୍କ ପରଲୋକ

ବାସୁଦେବପୁର,୨୫।୭ (ନାରାୟଣ ପ୍ରସାଦ ବାରିକ୍)


ଖଗେଶ୍ୱର ଯେନା।

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର କ୍ରୀଡ଼ାବିତ୍ ତଥା ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ଖଗେଶ୍ୱର ଯେନା(୬୮)ଙ୍କ ଗୁରୁବାର ପରଲୋକ ହୋଇଛି। ଏକ ଦୁରାରୋଗରେ ପୀଡ଼ିତ ହୋଇ ସେ ଚିକିତ୍ସାଧୀନ ଥିଲେ। ଖଗେଶ୍ୱର ଜଣେ ସଫଳ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକ ଥିଲେ। ଫୁଟ୍‌ବଲ ଖେଳ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିବାବେଳେ ବାସୁଦେବପୁର ଟାଉନ କ୍ଲବର ସେ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ ତୁଲାଇ ଆସୁଥିଲେ। ରାଜ୍ୟ ଓ ଜିଲାସ୍ତର, ବାସୁଦେବପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ବାସୁଦେବପୁର ସହର ପରିକ୍ରମା କରାଯାଇ ବାଲିକଲୋନୀସ୍ଥିତ ବାସଭବନ ପାଖରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, କବି ପ୍ରହ୍ଲାଦ ବାରିକ, କ୍ରୀଡ଼ା ପ୍ରଶିକ୍ଷକ ବାଇଧର ମହାକୁଡ଼, ଲକ୍ଷ୍ମଣ ବାରିକ୍, ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ପଲେଇ, ଡ. ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ଏନ୍‌ଏସି ଚେୟାରମ୍ୟାନ ତଥା ସ୍ୱର୍ଗତ ଯେନାଙ୍କ ଝିଅ ଅଞ୍ଜୁବାଳା ମହାନ୍ତି, ବରିଷ୍ଠ ଖବରଦାତା ଉଦୟ କୁମାର ଜେନା ପ୍ରମୁଖ ଶେଷଦର୍ଶନ କରିଥିଲେ। ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ତଥା ପୂର୍ବତନ ଓସିଏ ସମ୍ପାଦକ ଧିରେନ ପଲେଇ, ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ସହ ବାସୁଦେବପୁର ସାମ୍ବାଦିକ ସଂଘ, ପ୍ରେସ୍ କ୍ଲବ ଓ ଟାଉନ କ୍ଲବ ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି।

# ପଛେଇଛି ଚାଷ କାମ

ଚାନ୍ଦବାଲି,୨୫।୭(ଅଶୋକ କୁମାର ପଣ୍ଡା)

ଚଳିତ ଖରିଫ ଋତୁରେ ଆବଶ୍ୟକ ପରିମାଣର ବର୍ଷା ଅଭାବରୁ ଚାନ୍ଦବାଲି ବ୍ଲକରେ ଚାଷ କାମ ପଛେଇ ଯାଇଛି। ଶ୍ରାବଣ ମାସର ୧୦ ଦିନ ବିତିଯାଇଥିଲେ ମଧ୍ୟ ଚାଷବାସ ଆରମ୍ଭ ନ ହେବାରୁ ସମଗ୍ର ବ୍ଲକ ଅଞ୍ଚଳରେ ଚାଷୀ ଏକପ୍ରକାର ହାତବାନ୍ଧି ବସି ରହିଛନ୍ତି। ଲୁଣାପାଣି ପ୍ରଭାବରେ ପ୍ରାଥମିକ କୃଷିକାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି।

ଚଳିତ ଖରିଫ ଋତୁରେ ବ୍ଲକର ୩୭ ହଜାର ୭ଶହ ୨୯ ହେକ୍ଟର ଜମିରେ ଧାନଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହେଲେ ସ୍ୱଳ୍ପ ବୃଷ୍ଟିପାତ ଏଥିରେ ବାଧକ ସାଜିଛି। ମେ, ଜୁନ୍ ଓ ଜୁଲାଇ ମାସର ସାଧାରଣ ବୃଷ୍ଟିପାତ ୬୧୫.୩ ମି.ମି. ଥିବାବେଳେ ଗୁରୁବାର ସୁଦ୍ଧା ୩ ମାସରେ ମୋଟ ୨୭ଟି ବର୍ଷା ଦିବସରେ ମୋଟ ୪୪୭ ମି.ମି. ବର୍ଷା ଚାନ୍ଦବାଲିରେ ରେକର୍ଡ କରାଯାଇଛି। ଚାଷ ଆରମ୍ଭରୁ ଧାନ ଗଜା ନ ହେବାରୁ ଚାଷୀ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଛନ୍ତି। ବର୍ଷା ଅଭାବରୁ ଏବେ କେତେକ କେନାଲ, ଯୋରର ପାଣି ଲୁଣା ହୋଇଛି। ଫଳରେ କେତେକ ସ୍ଥାନରେ ଧାନ ତଳି ପ୍ରସ୍ତୁତ ହୋଇଥିଲେ ମଧ୍ୟ ରୁଆକାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଚାଷୀମାନେ ଲଗାଣ ବର୍ଷାକୁ ଚାତକ ପରି ଚାହିଁ ରହିଛନ୍ତି।

# 'ତ୍ୱରିତ ନ୍ୟାୟ ପାଇପାରିବେ ଲୋକେ'


କର୍ମଶାଳାରେ ଉପସ୍ଥିତ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅଧିକାରୀମାନେ।

ଭଦ୍ରକ,୨୫।୭(ସନାତନ ରାଉତ)

**'କୋର୍ଟ କେସ୍ ପରିଚାଳନାରେ ୱେବ୍ ଆପ୍ଲିକେଶନ' କର୍ମଶାଳା**

ଭଦ୍ରକ ଜିଲା ପ୍ରଶାସନର ବିଭିନ୍ନ ବିଭାଗ ସହ ସମ୍ପୃକ୍ତ ନ୍ୟାୟିକ ମକଦ୍ଦମାର ସମାଧାନ, କାଉଣ୍ଟର ଆଫିଡେଭିଟ୍ ଆଦିର ସହଜ ଶୀଘ୍ର ସୁପରିଚାଳନା ପାଇଁ ଜିଲା କାର୍ଯ୍ୟାଳୟରେ ପ୍ରଥମଥର ୱେବ ବ୍ୟବସ୍ଥାର ପ୍ରଚଳନ ଆରମ୍ଭ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଭାଗୃହରେ ଅନୁଷ୍ଠିତ 'କୋର୍ଟ କେସ୍ ପରିଚାଳନାରେ ୱେବ୍ ଆପ୍ଲିକେଶନ' କର୍ମଶାଳାରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ହାଇକୋର୍ଟ, ଏନ୍‌ଏଚ୍‌ଆର୍‌ସି, ଓଏଚ୍‌ଆର୍‌ସି, ଡବ୍ଲ୍ୟୁପିସି, ଜିଲା କୋର୍ଟ, ଜିଲାପାଳଙ୍କଠାରେ ଆଗତ ହେଉଥିବା ବିଭିନ୍ନ କେସ୍‌ର ସମାଧାନ ଦିଗରେ ସୁପରିଚାଳନା ପାଇଁ ନୂତନ ଭାବେ ପ୍ରଚଳନ କରାଯିବାକୁ ଥିବା ୱେବ୍ ଆପ୍ଲିକେଶନ ସମ୍ବନ୍ଧରେ ଜିଲାପାଳ ସୂଚନା ପ୍ରଦାନ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବିଜୟ କୁମାର ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ଏହି ବ୍ୟବସ୍ଥାର ବୈଷୟିକ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରତି ବିଭାଗ ପାଇଁ ନୋଡାଲ ଅଧିକାରୀମାନେ ପ୍ରତିଦିନ ଲଗ୍‌ଇନ୍ ଓ ଅପ୍‌ଲୋଡ୍ ଲାଗି ସମସ୍ତ ବିଭାଗକୁ ଲିଙ୍କ୍, ୟୁଜର ଆଇଡି ଓ ପାସ୍‌ୱାର୍ଡ ପ୍ରଦାନ କରାଯାଇଛି। ଏହି ବ୍ୟବସ୍ଥାରେ ବିଭାଗୀୟ ଅଧିକାରୀମାନେ କେବଳ ନିଜ ବିଭାଗ ସମ୍ପୃକ୍ତ କେସ୍‌କୁ ଦେଖିପାରିବେ। ଏହି ପ୍ଲାଟ୍‌ଫର୍ମରେ କାର୍ଯ୍ୟ ଚାଲିବା ପରେ ମେଲ୍ ଜରିଆରେ ଆଉ କେସ୍ ସମ୍ବନ୍ଧରେ ଅବଗତ କରାଯିବ ନାହିଁ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏହା ଜରିଆରେ ଜନସାଧାରଣ ତ୍ୱରିତ ନ୍ୟାୟ ପାଇପାରିବେ। ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଶାଳାରେ ଉପସ୍ଥିତ ଥିଲେ।

# ନିଅଣ୍ଟିଆ ବର୍ଷାକୁ କେନାଲରେ ପାଣି ନାହିଁ

ତିହିଡ଼ି,୨୫।୭(ସଞ୍ଜିତ ବଳ)

- କ୍ଷେତକୁ ବାହାରିପାରୁ ନାହାନ୍ତି ଚାଷୀ
- ଜଳ ନ ଥାଇ ବି କର ଆଦାୟ ନେଇ ଅସନ୍ତୋଷ
- ଦଶମୌଜା କେନାଲରେ ପାଣି ଯୋଗାଇବାକୁ ଦାବି

ଶ୍ରାବଣ ମାସ ଅଧା ହେବାକୁ ବସିଲାଣି। ହେଲେ ଚାଷଜମିରେ ଟୋପାଏ ବି ପାଣି ନାହିଁ। ଦୀର୍ଘଦିନ ଧରି କେବଳ ନାଁକୁ ମାତ୍ର ବର୍ଷା ହେଉଥିବାରୁ ଏଭଳି ସ୍ଥିତି ଉପୁଜିଛି। ଅପରପକ୍ଷେ ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷଜମିକୁ ଜଳସେଚିତ କରିବାକୁ ଉଦ୍ଦିଷ୍ଟ ଦଶମୌଜା କେନାଲରେ ବି ଟୋପାଏ ପାଣି ନାହିଁ। ହେଲେ ଜଳ କର ଆଦାୟ ପାଇଁ ପ୍ରଶାସନର ତତ୍ପରତା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଜମିକୁ ଚାଷକାର୍ଯ୍ୟ ପାଇଁ ବାହାରି ପାରୁ ନ ଥିବା ଚାଷୀମାନେ ନିରୁପାୟ ହୋଇ ଗୁରୁବାର ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ତୁରନ୍ତ ଦଶମୌଜା କେନାଲରେ ପାଣି ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି।

ବ୍ଲକର ସିନ୍ଦୋଳ, ମଙ୍ଗଳପୁର, କୋହ୍ଲ ଓ ଫତେପୁର ପଞ୍ଚାୟତର ଚାଷୀମାନେ ଦର୍ଶାଇଛନ୍ତି ଯେ, ଅଭାବୀ ବର୍ଷା ପାଇଁ ସେମାନେ କ୍ଷେତକୁ ବାହାରି ନ ପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଶ୍ରାବଣ ମାସ ୧୦ଦିନ ଟପିଥିଲେ ମଧ୍ୟ ଚାଷକାମ ଆଗେଇ ପାରୁନାହିଁ। କ୍ଷେତରେ ତଳି ଓ ବୁଣା ଧାନ ହଳଦିଆ ପଡ଼ିଗଲାଣି। ଦଶମୌଜା କେନାଲ କର୍ତ୍ତୃପକ୍ଷ ପାଣି ଛଡ଼ା ଯାଇଥିବା କହୁଥିଲେ ମଧ୍ୟ ଜମିରେ ଟୋପାଏ ବି ପାଣି ନ ପହଞ୍ଚିବା ପରିହାସ ସଦୃଶ ହୋଇଛି। ବିଭିନ୍ନ ପ୍ରକାର ଘାସ ଓ ଦଳରେ କେନାଲ ପରିପୂର୍ଣ୍ଣ ହୋଇଥିବା ବେଳେ ସଫା କରାଯାଇ ନାହିଁ। ଆବଶ୍ୟକ ସମୟରେ ପାଣି ଯୋଗାଇ ଦିଆ ନ ଯାଇ ଜମିରେ ପାଣି ଭରପୂର ଥିବାବେଳେ କେନାଲରେ ପାଣି ଛଡ଼ାଯାଇ ଧାନ ନଷ୍ଟ କରାଯିବା କେତେଦୂର ସମୀଚୀନ ବୋଲି ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ସରପଞ୍ଚ ବୈକୁଣ୍ଠ ପାଣି, ଗୋବର୍ଦ୍ଧନ ନାୟକ, ପରମାନନ୍ଦ ନାୟକ, ଅଜିତ କୁମାର ସାହୁ, ସାଜନ କୁମାର ସେନାପତି, ରଣଜିତ ଭୋଇ, ପ୍ରକାଶ ଚନ୍ଦ୍ର ଜେନା, ଗୌତମ ମୁଦୁଲି, ଗୋବିନ୍ଦ ବେହେରା, କ୍ଷୀରସିନ୍ଧୁ ପାଣିଗ୍ରାହୀ ପ୍ରମୁଖ ଚାଷୀ ତହସିଲଦାରଙ୍କୁ ଭେଟିଥିଲେ। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ କେନାଲରେ ପାଣି ଯୋଗାଇବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ତହସିଲଦାରଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

## ସଂକ୍ଷେପରେ

### ବାହାନଗା ବଜାର ଅଟୋଷ୍ଟାଣ୍ଡରୁ ୩ ପିଲା ଉଦ୍ଧାର

**ବାହାନଗା, ୨୫।୭( ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବଜାର ଅଟୋଷ୍ଟାଣ୍ଡରୁ ୩ଜଣ ପିଲା ଉଦ୍ଧାର ହୋଇଛନ୍ତି। ଉଦ୍ଧାର ପିଲାମାନଙ୍କୁ ସିଡିପିଓ, ସିଡବ୍ଲ୍ୟୁସି (ଶିଶୁ ମଙ୍ଗଳ କମିଟି)ରେ ହାଜର କରାଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ୩ ଜଣ ପିଲା ଲୁଚି ପଳାଇ ଆସିଥିବା ବ୍ଲକ ସିଡିପିଓ ପ୍ରୀତିସୁଧା ତ୍ରିପାଠୀ ଖବର ପାଇଥିଲେ। ସିଡିପିଓ ପହଞ୍ଚି ପିଲାମାନଙ୍କୁ ଉଦ୍ଧାର କରି ଗୋଟେ ଅଟୋରେ ବସିଥିବା ୩ଜଣ ପିଲା ସେମାନଙ୍କ ନାମ ଓ ବାପା, ମା ଓ ଘର ଠିକଣା କହୁଥିବା ବେଳେ ଏକ ଆଶ୍ରମରେ ଥିଲେ। ସେଠାରୁ ସେମାନେ ଲୁଚି ପଳାଇଆସିଥିବା କହିଛନ୍ତି। ହେଲେ ଆଶ୍ରମ ନାମ ସେମାନେ କହିପାରୁନାହାନ୍ତି। ସେମାନଙ୍କୁ ତାଙ୍କ ଖୁଡି ୧୦ ଦିନ ତଳେ ଆଶ୍ରମରେ ଛାଡିଯାଇଥିଲେ। ମାତ୍ର ସେମାନେ ସେଠାରୁ ଲୁଚି ପଳାଇଆସିଛନ୍ତି। ହେଲେ ଉଦ୍ଧାର ପିଲାମାନେ ସେମାନଙ୍କ ଘର ଠିକଣା କହିପାରୁଛନ୍ତି। ଏହି ୩ଜଣଙ୍କୁ ସିଡିପିଓ ଜିଲା ଚାଇଲ୍ଡ ୱେଲଫେୟାର କମିଟି ଆଗରେ ହଜାର କରାଇଛନ୍ତି। ଉଦ୍ଧାର ୩ଜଣ ପିଲାଙ୍କ ମଧ୍ୟରେ ଜଣେ ୧୦ବର୍ଷର ଝିଅ ଥିବା ବେଳେ ଅନ୍ୟ ଦୁଇ ଜଣ ୭ ଓ ୮ ବର୍ଷର ପୁଅ ବୋଲି ଅନୁମାନ କରାଯାଉଛି।

### ଷୋଳଶା ପାଣ୍ଟରୁ ଜଳ ନିଷ୍କାସନ ପାଇଁ ଡିପିଆର୍ ପ୍ରସ୍ତୁତ କରାଯିବ : ମୁଖ୍ୟମନ୍ତ୍ରୀ

**ବାଲେଶ୍ୱର, ୨୫।୭(ମାନସ ବିଶ୍ୱାଳ):**

ବାଲେଶ୍ୱର ଜିଲା ବସ୍ତା ବିଧାୟିକା ସୁବାସିନୀ ଜେନା ବାଲିଆପାଳ ବ୍ଲକର ମାନ୍ଧାତାଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ଥିବା ଷୋଳଶା ପାଣ୍ଟ ଅଞ୍ଚଳରେ ପ୍ରାୟ ୭୦୦ ହେକ୍ଟର ଚାଷ ଜମି ଅଛି ଏବଂ ବର୍ଷା ଋତୁରେ ଏହା ସର୍ବଦା ଜଳମଗ୍ନ ହେଉଛି। ଏହି ଚାଷଜମିରୁ ଜଳ ନିଷ୍କାସନ ପାଇଁ ଜଳସମ୍ପଦ ବିଭାଗ କିଛି ପଦକ୍ଷେପ ନେଇଛନ୍ତି କି ବୋଲି ଚଳିତ ସପ୍ତଦଶ ବିଧାନସଭାର ଚତୁର୍ଥ ଦିବସରେ ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ତଥା ଜଳସମ୍ପଦ ବିଭାଗର ମନ୍ତ୍ରୀ ମୋହନ ଚରଣ ମାଝୀ ମାନ୍ଧାତାଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ଥିବା ଷୋଳଶାପାଣ୍ଟ ଅଞ୍ଚଳକୁ ଜଳସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ପରିଦର୍ଶନ କରିଛନ୍ତି। ଉକ୍ତ ଅଞ୍ଚଳରେ ଶୀଘ୍ର ସର୍ଭେ କରାଯାଇ ଏକ 'ବିସ୍ତୃତ ପ୍ରକଳ୍ପ ବିବରଣୀ (ଡିପିଆର୍)' ପ୍ରସ୍ତୁତ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉତ୍ତର ରଖିଛନ୍ତି। ଏହି ଷୋଳଶା ପାଣ୍ଟ ଅଞ୍ଚଳରେ ପ୍ରତିବର୍ଷ ବର୍ଷାଋତୁରେ ଉଦ୍‌ବୃତ୍ତ ଜଳ ନିଷ୍କାସିତ ନ ହେବା ଫଳରେ ଏକର ଏକର ଚାଷ ଜମି ନଷ୍ଟ ହୋଇଯାଇଥାଏ। ଏହା ଉପରେ ନିର୍ଭର କରୁଥିବା ବାଲିଆପାଳ ବ୍ଲକ ଜାମକୁଣ୍ଡା, ବଡ଼ାଶ, ମଧୁପୁରା, ପ୍ରତାପପୁର, ଦେଉଳା, ଜଗତିପୁର, ରତେଇ, ପଞ୍ଚୁପାଲି, ବଳରାମପୁର, ବାଲିକୁଟି ଆଦି ପଞ୍ଚାୟତର ଚାଷୀଭାଇମାନେ ନବ ନିର୍ବାଚିତ ବିଧାୟିକା ସୁବାସିନୀ ଜେନାଙ୍କୁ ସାକ୍ଷାତ କରି ଏହି ବାବଦରେ ଜଣାଇଥିଲେ। ବିଧାୟିକା ଜେନା ଚଳିତ ସପ୍ତଦଶ ବିଧାନସଭାରେ ଏହି ସମସ୍ୟାକୁ ଉପସ୍ଥାପନ କରିଥିଲେ।

### ଉମାଅର୍ଜ୍ଜୁନ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଗ୍ନିକାଣ୍ଡ

**ନୀଳଗିରି, ୨୫।୭(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଚତର ନିକଟ ଉମାଅର୍ଜ୍ଜୁନ ବାଳିକା ଉଚ୍ଚ ବିଦ୍ୟାଳୟ ଆବାସିକ ହଷ୍ଟେଲରେ ଛାତ୍ରୀମାନେ ରହି ପାଠ ପଢ଼ିଥାନ୍ତି। ବୁଧବାର ରାତି ପ୍ରାୟ ୧୦ଟା ୩୦ରେ ଏକ ଶ୍ରେଣୀଗୃହରୁ ନିଆଁ ବାହାରୁଥିବା ଦେଖି ହଷ୍ଟେଲ ଛାତ୍ରୀମାନେ ୱାର୍ଡେନଙ୍କୁ ଜଣାଇଥିଲେ। କ୍ଲାସକୁ ଲାଗି ଅନ୍ତେବାସୀଙ୍କ ରୁମ୍ ରହିଥିବା ବେଳେ ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ ଶ୍ରେଣୀଗୃହରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ହୋଇଛି। ପରେ ଗ୍ରାମବାସୀଙ୍କ ପାଖରୁ ଖବରପାଇ ନୀଳଗିରି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଶ୍ରେଣୀଗୃହରେ ସେତେବେଳକୁ ଲାଗିଥିବା ସିସିଟିଭି, କବାଟ, ଝରକା, ବେଞ୍ଚ, ଡେକ୍ସ ଆଦି ଜଳିଯାଇଥିଲା। ବିଦ୍ୟୁତ୍ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏନେଇ ନୀଳଗିରି ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ, ସ୍ଥାନୀୟ ସମିତିସଭ୍ୟ ରାଜୀବ ଦାସବାବୁ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ବୁଲି ଦେଖିବା ପରେ ବିଦ୍ୟୁତ୍ ବିଭାଗର ନୀଳଗିରି ଏସ୍‌ଡିଓଙ୍କ ସହ ଆଲୋଚନା କରିଥିଲେ।

---

### ୩ ମାସ ଧରି ଷଣ୍ଢ ଚିକିତ୍ସାରେ ଅବହେଳା

# ତଦନ୍ତ କଲେ ଡିଏଏଚଭିଏସ୍‌ର ଯୁଗ୍ମ ନିର୍ଦ୍ଦେଶକ

**ବାଲିଆପାଳ, ୨୫।୭(ଗୋପାଳ ଚନ୍ଦ୍ର ସାହୁ)**

ଓଡ଼ିଶା ପ୍ରାଇଡ୍ ସଭାପତି ମାନସ ଦାସଙ୍କ ତତ୍ତ୍ୱାବଧାନରେ ତିନିମାସ ଧରି ବାଲେଶ୍ୱର ଜିଲା ବାଲିଆପାଳ ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ବିଣ୍ଡି/ଭାତୁଡ଼ି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଆସିଥିବା ଷଣ୍ଢକୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ଗୁରୁବାର ଡିଏଏଚ୍‌ଭିଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ସୁମନ୍ତ କୁମାର ନନ୍ଦ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଞ୍ଜନ ଦାସ, ଜିଲା ପ୍ରାଣୀ ମଙ୍ଗଳ ସମିତି ମୁଖ୍ୟ ଅଜିତ କୁମାର ସାମଲ, ଏସ୍‌ଡିଭିଓ ସୁଖେନ୍ଦୁ ରାୟ ପ୍ରମୁଖ ବାଲିଆପାଳ ପ୍ରାଣୀଧନ ଚିକିତ୍ସାଳୟକୁ ଆସି ଷଣ୍ଢର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ସହ ଚିକିତ୍ସା ଅବହେଳାର ତଦନ୍ତ କରି ଫେରିଛନ୍ତି। ତେବେ ଯେତେ ଶୀଘ୍ର ସମ୍ଭବ ଷଣ୍ଢକୁ ସୁସ୍ଥ କରିବା ପାଇଁ ସରକାରୀ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଯୁଗ୍ମ ନିର୍ଦ୍ଦେଶକ ନନ୍ଦ କହିଛନ୍ତି। ଏହାସହିତ ବିଭିଓ ମନୋରଞ୍ଜନ ପରିଡାଙ୍କୁ ପ୍ରତିଦିନ ଷଣ୍ଢକୁ ଚିକିତ୍ସା କରିବାକୁ ତାଗିଦ୍ କରିବା ସହିତ ଚିକିତ୍ସା ସମୟର ଫଟୋଚିତ୍ର ତାଙ୍କ ପାଖକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ଏଥର ରବିବାର ଖୋଲା ରହିବ ବାଲିଆପାଳ ପ୍ରାଣୀ ଚିକିତ୍ସାଳୟ**



ଅସୁସ୍ଥ ଷଣ୍ଢର ଚିକିତ୍ସା କରାଯାଉଛି।

ବାଲିଆପାଳ ପ୍ରାଣୀଧନ ଅଧିକାରୀ ମନୋରଞ୍ଜନ ପରିଡ଼ା ଆଜି ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସାଳୟକୁ ଶନିବାର ପୂର୍ବାହ୍ନ ୧୧ଟାରୁ ରବିବାର ସମ୍ପୂର୍ଣ୍ଣ ବନ୍ଦ ରଖୁଥିଲେ, ଯାହା ନିୟମ ବାହାରେ ଥିଲା। ମାନସ ଦାସଙ୍କ ଅଭିଯୋଗ ପରେ ଏବେଠାରୁ ଶନିବାର ସମ୍ପୂର୍ଣ୍ଣ ଦିବସ ଓ ରବିବାର ଅଧାଦିନ ଖୋଲା ରଖିବାକୁ ଯୁଗ୍ମ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଯାଇଛନ୍ତି। ବସ୍ତା ନିର୍ବାଚନମଣ୍ଡଳୀ ଭାଜପା ନେତା ରବୀନ୍ଦ୍ରନାଥ ଅଣ୍ଡିଆ, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ଭାଜପା କୃଷକ ମୋର୍ଚ୍ଚା ନେତା ସୂର୍ଯ୍ୟ ସାହୁ, ଭାଜପା ଓବିସି ମୋର୍ଚ୍ଚା ନେତା ସାଧାରଣ ସମ୍ପାଦକ ଗୌରବ ଅଣ୍ଡିଆ, ଭାଜପା ଯୁବମୋର୍ଚ୍ଚା ନେତା ଧୀରେନ ସେଠୀ, ସଞ୍ଜୟ ପରିଡ଼ା, ହେମନ୍ତ ସାହୁ, ଦିଲୀପ ପାତ୍ର, ଚନ୍ଦନ ଜେନା, ଲକ୍ଷ୍ମୀ ପାତ୍ର, ପ୍ରଦୀପ୍ତ ସାମଲ, ଶ୍ରୀକୃଷ୍ଣ ପାତ୍ର, ଗୋପୀନାଥ କାମିଲା, ହରେକୃଷ୍ଣ ପାତ୍ର, କୁମ୍ଭାରୀ ସରପଞ୍ଚ ଜୟନାରାୟଣ ପାତ୍ର ଓ ସଞ୍ଜିତ ସାହୁଙ୍କ ସହିତ ବାଲିଆପାଳ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

---

# ରାସ୍ତାକଡ଼ରେ ମୁକୁଳା ଟ୍ରାନ୍ସଫର୍ମର



ରାସ୍ତାକଡ଼ରେ ନନ୍ଦ ଉପରେ ରଖାଯାଇଥିବା ମୁକୁଳା ଟ୍ରାନ୍ସଫର୍ମର।

**କାଳିପଦା, ୨୫।୭(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ଅଧୀନ ସାଉଡି ପଞ୍ଚାୟତ ୫ନମ୍ବର ୱାର୍ଡରେ ଅବସ୍ଥିତ ପଞ୍ଚାୟତ ଅଫିସ୍ ମୁଖ୍ୟ ରାସ୍ତାକଡ଼ରେ ମୁକୁଳା ଓ ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର ରହିଛି। ଏହି ରାସ୍ତା ଦେଇ ପିଲାମାନେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯିବା ଆସିବା କରିଥାନ୍ତି। ଏଥିସହିତ ବୋଳଂ, ସାଉଡ଼ି, କୁଣ୍ଡଳୀ ପଞ୍ଚାୟତର ଶତାଧିକ ଲୋକ ସଦର ବ୍ଲକର କଷାଫଳ ସମୁଦ୍ରକୁ ମାଛ ଧରି ଜୀବିକା ନିର୍ବାହ ପାଇଁ ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯାତାୟାତ କରିଥାଆନ୍ତି। ତେବେ ଏହି ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବା ବେଳେ ପାଇଖାନାରେ ବ୍ୟବହୃତ ହେଉଥିବା ନନ୍ଦକୁ ବ୍ୟବହାର କରି ତା' ଉପରେ ଟ୍ରାନ୍ସଫର୍ମର ବସାଯାଇଛି। ଏହି ଟ୍ରାନ୍ସଫର୍ମର ବିପଦମୁକ୍ତ କରାଯିବା ପାଇଁ ଗ୍ରାମର ଯୋଗେନ୍ଦ୍ର ବେହେରା, ରାମକୃଷ୍ଣ ମଲ୍ଲିକ, ରଘୁନାଥ ବେହେରା, ବିଜୟ ମଲ୍ଲିକ, ଲଛମନ ମଲ୍ଲିକ, ମିହିର ପଟାୟତ, ଚିନ୍ତାମଣି ମଲ୍ଲିକ, ନବୀନ ମଲ୍ଲିକ ଓ ଭଗିରଥ ମଲ୍ଲିକ ପ୍ରମୁଖ ଦୃଢ଼ ଦାବି କରିଆସୁଛନ୍ତି।

---

# ଖଟରେ ଯେତିକି ରୋଗୀ, ଚଟାଣରେ ତା'ର ଅଧା



ଡାକ୍ତରଖାନା ଚଟାଣରେ ରୋଗୀମାନେ ଶୋଇ ଚିକିତ୍ସିତ ହେଉଛନ୍ତି।

**ନୀଳଗିରି, ୨୫।୭(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଉପରେ ପ୍ରତିଦିନ ଶହ ଶହ ଲୋକେ ନିର୍ଭର କରିଥାନ୍ତି। ତେବେ ନୀଳଗିରିରେ କିଛି ଦିନ ହେଲା ଗ୍ରାମରେ ବ୍ୟାପୁଛି ଝାଡ଼ାବାନ୍ତି। ୧୭ରୁ ଊର୍ଦ୍ଧ୍ୱ ରୋଗୀ ସଂକ୍ରମିତ ଆସିଥିବା ବେଳେ ଖଟରେ ଯେତିକି ରୋଗୀ ଚିକିତ୍ସିତ ହେଉଛନ୍ତି, ଚଟାଣରେ ତା'ର ଅଧା।

ନୀଳଗିରି ଉପଖଣ୍ଡରେ ବାଉଁଶବଣିଆ, ଗୋବର୍ଦ୍ଧନପୁର, ଗୋପୀନାଥପୁର, ଧୋବସିଳା, ଗୋପାଳପୁର ଅଞ୍ଚଳରେ ଗୁରୁବାର ୧୭ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନୀଳଗିରି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ତେବେ ଜଣକ ପରେ ଜଣେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଚିକିତ୍ସାଳୟର ସଂକ୍ରାମକ ୱାର୍ଡ଼ରେ ରୋଗୀଙ୍କୁ ଶଯ୍ୟା ମିଳୁ ନ ଥିବାରୁ ଖଟରେ ଯେତିକି ରୋଗୀ, ଚଟାଣରେ ତା'ର ଅଧା ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟତ୍ର ଏକ ସଂକ୍ରାମକ ଗୃହ ଥାଇ ମଧ୍ୟ ରୋଗୀଙ୍କୁ ସ୍ଥାନାନ୍ତରିତ କରିବାର ଆବଶ୍ୟକତାକୁ କେହି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଥିଲା। ଚିକିତ୍ସା ହେବାକୁ ଆସି ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ସଂକ୍ରାମକ ବିଭାଗ ସମ୍ମୁଖରେ ଛିଡ଼ା ହେବାକୁ ପଡୁଛି। ଡାକ୍ତରଖାନାରେ ପର୍ଯ୍ୟାପ୍ତ ନର୍ସ ନ ଥିବାରୁ ମଧ୍ୟ ରୋଗୀଙ୍କ ଦେଖାଶୁଣା କରିବାକୁ ଆସୁନାହାନ୍ତି। ଏ ନେଇ ଏସ୍‌ଡିଏମ୍‌ଓ ଚାର୍ଜରେ ଥିବା ଡାକ୍ତର ଯତୀନ ସୋରେନଙ୍କୁ ପଚାରିବାରୁ ସେ କିଛି କହିପାରିବେନି ବୋଲି କହିଥିଲେ।

---

### ଦୁର୍ବ୍ୟବହାର ନେଇ ଏସ୍‌ପିଙ୍କୁ ଦାବିପତ୍ର ଦେଲେ ଖବରଦାତା

**ବାଲେଶ୍ୱର, ୨୫।୭(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ସୋର ଅଞ୍ଚଳର ଜଣେ ଖବରଦାତାଙ୍କୁ ଆକ୍ରମଣ ସହ ତାଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ବାଲେଶ୍ୱର ଶାଖା ପକ୍ଷରୁ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୋରରେ କାର୍ଯ୍ୟରତ ଖବରଦାତା ଏସ୍‌କେ ତାଜୁଦ୍ଧିନି ସୋର ଡାକ୍ତରଖାନାରେ ଖବର ସଂଗ୍ରହ କରୁଥିଲା ବେଳେ କାର୍ଯ୍ୟରତ ଡା. ପ୍ରୀତମ କୁମାର, ସିକ୍ୟୁରିଟି ଗାର୍ଡ଼ ହରିଶ ଚନ୍ଦ୍ର ରଣା ମିଳିତ ଭାବେ ଦୁର୍ବ୍ୟବହାର କରିବା ସହିତ ଆକ୍ରମଣ କରି ତାଙ୍କ ମୋବାଇଲ ଭାଙ୍ଗି ଦେଇଥିଲେ। ନ୍ୟାୟ ପାଇଁ ଖବରଦାତା ତାଜୁଦ୍ଧିନି ପ୍ରଥମେ ସୋର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ରାତି ୧୦ଟା ପରେ ଡାକ୍ତର ପାଲଟା ଖବରଦାତାଙ୍କ ନାମରେ ଅଭିଯୋଗ କରିଥିଲେ। ପରଦିନ ଆଇଆଇସି ଥାନାକୁ ଡାକି ଦୁର୍ବ୍ୟବହାର କରିବା ସହିତ ଖବରଦାତାଙ୍କ ନାମରେ ସଙ୍ଗୀନ ଦଫା ଲଗାଇଛନ୍ତି। ଏହାକୁ ବିରୋଧ କରି ନ୍ୟାୟ ପାଇଁ ୟୁଜେଏ ବାଲେଶ୍ୱର ଜିଲା ଶାଖା ସଭାପତି ଲୋକନାଥ ଦଳେଇଙ୍କ ନେତୃତ୍ୱରେ ଉପସଭାପତି ଜୀବନକୃଷ୍ଣ ବାରିକ, ଆତ୍ମାନନ୍ଦ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନିରଞ୍ଜନ ପ୍ରସାଦ ବାରିକ, ସହସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସଞ୍ଜୟ ସାମନ୍ତ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାମନ୍ତ, ସଙ୍ଗଠନ ସମ୍ପାଦକ ଭଗବାନ ଦାସ ପ୍ରମୁଖ ବାଲେଶ୍ୱର ଜିଲା ଆରକ୍ଷୀ ଅଧିକାରିଣୀଙ୍କୁ ଏକ ଦାବିପତ୍ର ଦେବା ସହ ଉକ୍ତ ଘଟଣା ତଦନ୍ତ ସୋର ଥାନା ଅଧିକାରୀ ପରିବର୍ତ୍ତେ ଜିଲାର ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା କରାଇବା ସହ ସୋର ଆଇଆଇସିଙ୍କ ବଦଳି ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ପୋଲିସ ମହାନିର୍ଦ୍ଦେଶକ, ବାଲେଶ୍ୱର ଜିଲାପାଳଙ୍କଠାରେ ମଧ୍ୟ ଅଭିଯୋଗ କରାଯାଇଛି। ଜିଲା କାର୍ଯ୍ୟକାରୀ ସଭ୍ୟ ନିହାର ଜେନା, ମାନସ ଜେନା, ମହେଶ ମଲ୍ଲିକ, ଲୋକନାଥ ପରିଡ଼ା, ସୁଦୀପ୍ତ ମହାନ୍ତି, ଅର୍ଦ୍ଧେନ୍ଦୁ ମିଶ୍ର, ପ୍ରାଣକୃଷ୍ଣ ମଲ୍ଲିକ, ଅଜିତ ସାହୁ, ବୁଲୁ ନାୟକ, ଏସ୍‌କେ ତାଜୁଦ୍ଧିନି, ମାନସ ବେଜ, ଶାନ୍ତନୁ ବେହେରା, ବିନୋଦ କୁମାର ବାରିକ, ଅନନ୍ତ ମଲ୍ଲିକ, ରାଜକିଶୋର ମଲ୍ଲିକ ପ୍ରମୁଖ ଖବରଦାତା ଉପସ୍ଥିତ ଥିଲେ।

---

# ପ୍ରାର୍ଥନା ପରେ ଯୋଗାଭ୍ୟାସ କଲେ



ପଳାସପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗାଭ୍ୟାସ କରୁଛନ୍ତି।

**ସରକାରୀ ନିଷ୍ପତ୍ତି ମାନିଲେ ଛାତ୍ରୀଛାତ୍ର**

**ଖଇରା, ୨୫।୭(ଉତ୍କଳବନ୍ଧୁ ପଣ୍ଡା):**

ରାଜ୍ୟ ସରକାର ସମସ୍ତ ଛାତ୍ରୀଛାତ୍ର ପ୍ରାର୍ଥନା ପରେ ୧୦ମିନିଟ୍ ଯୋଗ କରିବା ନେଇ ୧୨ ତାରିଖ ବୈଠକରେ ନିଷ୍ପତ୍ତି ନେବା ପରେ ବହୁ ବିଦ୍ୟାଳୟ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ପଳାସପୁର ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଗୁରୁବାର ପ୍ରାର୍ଥନା ପରେ ଯୋଗାଭ୍ୟାସ କରି ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଛନ୍ତି। ପ୍ରାର୍ଥନା ପରେ ବିଦ୍ୟାଳୟ ସମ୍ମୁଖ ପଡିଆରେ ଧାଡିବାନ୍ଧି ଛିଡା ହୋଇଥିଲେ। ବିଶିଷ୍ଟ ଯୋଗଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ମଣିଷର ବାତପିତ ଓ କଫ ଭଳି ରୋଗର ନିଦାନ ପାଇଁ ଋଷି ମୁନୀଙ୍କ ସମୟରୁ ଚାଲିଆସିଥିବା ଯୋଗ ଉପରେ ଆଲୋଚନା ରଖିଥିଲେ। ପରେ ପିଲାମାନଙ୍କୁ ୧୦ମିନିଟ ଧରି ଯୋଗ ଶିଖାଇଥିଲେ। ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

---

# ମିଳିତ ଟିମ୍‌ର ଯାଞ୍ଚ, ୩ କ୍ରଶର ସିଲ୍

**ଖଇରା, ୨୫।୭(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ନିକଟରେ ଚାଲିଥିବା କ୍ରଶରଗୁଡିକ ମଧ୍ୟରୁ ଅଧିକାଂଶ ବେଆଇନ ଭାବେ ଚାଲିଥିବା ନେଇ ଅଭିଯୋଗ ହେବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଭୀମଚରଣ ମାରାଣ୍ଡିଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ଟିମ କୁପାରୀ ଅଞ୍ଚଳରେ ଚାଲିଥିବା କ୍ରଶରଗୁଡିକର କାଗଜପତ୍ର ଯାଞ୍ଚ କରିଛନ୍ତି। ଗୁରୁବାର ଏହି ଚଢାଉରେ ୧୦ଟି କ୍ରଶରର ଖାତାପତ୍ର ଯାଞ୍ଚ ସାଙ୍ଗକୁ ଓ ପ୍ରଦୂଷଣ ରୋକିବାକୁ ନିଆଯାଇଥିବା ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବେଆଇନ ଭାବେ ଚାଲିଥିବା ୩ଟି କ୍ରଶରକୁ ସିଲ୍ କରାଯାଇଛି। ଉକ୍ତ ଟିମ୍‌ରେ ଜିଲା ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀ, ଫରେଷ୍ଟର ନରେଶ ସିଂ, ରେଞ୍ଜର ମନୋରଞ୍ଜନ ନାୟକ, ଖଇରା ତହସିଲଦାର ସବ୍ୟସାଚୀ ଜେନା, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନୀ ଧଳ, ଖଇରା ଥାନା ଆଇଆଇସି ଗୟାଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳି ଶୁକ୍ରବାର ଅନ୍ୟ କ୍ରଶରଗୁଡିକ ଯାଞ୍ଚ କରାଯିବ। କାଗଜପତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟ ଉପରେ ସମୀକ୍ଷା କରାଯିବା ପରେ ବାକି କ୍ରଶରଗୁଡିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଜିଲା ଖଣି ଅଧିକାରଣୀ ସନ୍ତୋଷିନୀ ସେଠୀ କହିଛନ୍ତି।



ଅଧିକାରୀମାନେ କ୍ରଶର ପରିଦର୍ଶନ କରୁଛନ୍ତି।

---

# ଅନ୍ତର୍ଜାତୀୟ ୨ ରଗ୍‌ବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ବାରିପଦା, ୨୫।୭**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଜୁନ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଫ୍ରାନ୍ସଠାରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ରଗ୍‌ବୀ ପ୍ରତିଯୋଗିତାରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ପ୍ରତ୍ୟାବର୍ତ୍ତନ କରିଥିବା ମୟୂରଭଞ୍ଜ ଜିଲାର ସନ୍ଧ୍ୟାରାଣୀ ଟୁଡୁ ଓ ଡୁମୁନି ମାର୍ଣ୍ଡିଙ୍କୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହା ସହିତ ଉଭୟ ଖେଳାଳିଙ୍କୁ ପ୍ରୋତ୍ସାହନ ରାଶି ସ୍ୱରୂପ ୧୦ ହଜାର ଲେଖାଏ ଟଙ୍କା ପ୍ରଦାନ କରିଛନ୍ତ। ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ତରଫରୁ ମଧ୍ୟ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୌଲତ ଚନ୍ଦ୍ରକାର, ଉଦୟନାଥ ମହାପାତ୍ର, ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ପ୍ରମୁଖ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସନ୍ଧ୍ୟାରାଣୀ ବାରିପଦା ବ୍ଲକ ଅନ୍ତର୍ଗତ ରାଧିକାଶୋଳ ଅଞ୍ଚଳର ଲକ୍ଷ୍ମୀଧର ଟୁଡୁ ଓ ଫୁଲମଣୀ ଟୁଡୁଙ୍କ କନିଷ୍ଠ ଝିଅ ହୋଇଥିବା ବେଳେ ଡୁମୁନି କୁଳିଅଣା ବ୍ଲକ ଅନ୍ତର୍ଗତ ଗେଣ୍ଡାପୋଖରୀ ଗ୍ରାମର ଦୁଲବ କିଶୋର ମାର୍ଣ୍ଡି ଓ ସାଲଖା ମାର୍ଣ୍ଡିଙ୍କ ଝିଅ। ସନ୍ଧ୍ୟାରାଣୀ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ରହି ଖେଳ ଜାରି ରଖିଥିବା ବେଳେ ଡୁମୁନି ଭୁବନେଶ୍ୱରସ୍ଥିତ କିସ୍ ବିଦ୍ୟାଳୟରେ ପ୍ରଶିକ୍ଷଣ ନେଉଥିଲେ। ପୂର୍ବରୁ ଦୁହେଁ ବହୁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ସୂଚନାଯୋଗ୍ୟ, ଭାରତ ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନବମ ସ୍ଥାନରେ ରହିଛି। ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂ, ଜିଲା ଶିକ୍ଷା କ୍ରୀଡ଼ା ଅଧିକାରୀ ଭାଗିରଥି ମଲ୍ଲିକ ଓ ଏକାଡେମୀ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, କୋଚ୍ ଚନ୍ଦନ ସିଂ ଓ ତରଣୀସେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

---

# ସାର୍ଥାରେ ନୂତନ ରାଜସ୍ୱ ଗ୍ରାମ ସ୍ଥାପନ ପାଇଁ ପ୍ରସ୍ତାବ

**ବାଲେଶ୍ୱର, ୨୫।୭(ମାନସ ବିଶ୍ୱାଳ)**

ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଗତ ସାଧାରଣ ନିର୍ବାଚନ ସମୟରେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ସରକାରୀସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି। ସଦର ବ୍ଲକ ଅଧୀନ ସାର୍ଥାରେ ନୂତନ ରାଜସ୍ୱ ଗ୍ରାମ ସ୍ଥାପନ ପାଇଁ ବିଧାନସଭାରେ ସରକାରଙ୍କୁ ପ୍ରସ୍ତାବ ରଖିଛନ୍ତି। ବିଧାନସଭା ପ୍ରଶ୍ନକାଳରେ ବିଧାୟକ ଦତ୍ତଙ୍କ ପ୍ରଶ୍ନ ମାଧ୍ୟମରେ ସାର୍ଥାରେ ଦୁଇଟି ରାଜସ୍ୱ ଗ୍ରାମ ପ୍ରତିଷ୍ଠା ନେଇ ଉଦ୍ୟମ ଆରମ୍ଭ ହୋଇଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ସାର୍ଥା ପଞ୍ଚାୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସାର୍ଥା ରାଜସ୍ୱ ଗ୍ରାମକୁ ଦୁଇ ଭାଗରେ ବିଭକ୍ତ ପାଇଁ ଲୋକେ ଦୀର୍ଘଦିନରୁ ଦାବି କରିଆସୁଥିଲେ। ସେହି କ୍ରମରେ ସାର୍ଥାରେ ଦୁଇଟି ରାଜସ୍ୱ ଗ୍ରାମ ପ୍ରତିଷ୍ଠା ପାଇଁ ବିଧାୟକ ଦତ୍ତ ନିର୍ବାଚନ ବେଳେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ବିଧାନସଭାର ପ୍ରଶ୍ନକାଳରେ ବିଧାୟକ ଦତ୍ତ ପ୍ରଶ୍ନ ଉପସ୍ଥାପନ କରିଥିଲେ। ନୂତନ ରାଜସ୍ୱ ଗ୍ରାମ ଗଠନ ପାଇଁ ସରକାରଙ୍କ ଯୋଜନା ଥିଲେ ସାର୍ଥାକୁ ଦୁଇ ଭାଗରେ ବିଭକ୍ତ ସହ ଗୋଟିଏ ସାର୍ଥା ଛକ ଓ ଅନ୍ୟଟି ସାର୍ଥା ଗାଁ ନାମରେ ନାମିତ କରିବାକୁ ଦତ୍ତ ପ୍ରସ୍ତାବ ଦେଇଥିଲେ। ଏଥିସହିତ ରାଜ୍ୟରେ କେତୋଟି ନୂତନ ରାଜସ୍ୱ ଗ୍ରାମ ପ୍ରତିଷ୍ଠା ନେଇ ସରକାରଙ୍କ ଯୋଜନା ଥିବା ସମ୍ପର୍କରେ ସେ ପ୍ରଶ୍ନ ଉଠାଥିଲେ। ରାଜ୍ୟର କେଉଁ କେଉଁ ସ୍ଥାନରେ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଥବା ନୂତନ ରାଜସ୍ୱ ନିରୀକ୍ଷକ ରେକର୍ଡ ରୁମ୍ ଖୋଲାଯିବ ଏବଂ ଜିଲାସ୍ତରରେ କେତେସଂଖ୍ୟକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବ୍ୟବହୃତ ହେଉନାହିଁ, ସେ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ନିବେଦନ କରିଥିଲେ।

**ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ବିଧାୟକଙ୍କ ପ୍ରଥମ ପଦକ୍ଷେପ**



ବିଧାନସଭାରେ ନିଜର ପ୍ରଶ୍ନ ଉପସ୍ଥାପନ କରୁଛନ୍ତି ବିଧାୟକ ମାନସ ଦତ୍ତ।

ବିଧାୟକ ଦତ୍ତଙ୍କ ପ୍ରଶ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ଦେଇ କହିଥିଲେ ଯେ, ରାଜ୍ୟରେ ନୂତନ ଭାବେ ୨୨୮୭ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି। ମାତ୍ର ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଥବା ନୂତନ ରାଜସ୍ୱ ନିରୀକ୍ଷକ ରେକର୍ଡ ରୁମ୍ ଖୋଲାଯିବା ନେଇ କୌଣସି ପ୍ରସ୍ତାବ ନ ଥିବା ମନ୍ତ୍ରୀ କହିଛନ୍ତି। ସେହିପରି ବାଲେଶ୍ୱର ଜିଲାର ସଦର ବ୍ଲକ ଅଧୀନ ସାର୍ଥା ପଞ୍ଚାୟତକୁ ବିଭାଜନ ସହ ଦୁଇଟି ରାଜସ୍ୱ ଗ୍ରାମରେ ପରିଣତ କରିବା ନେଇ କୌଣସି ପ୍ରସ୍ତାବ ମିଳି ନ ଥିଲେ ବି ବିଧାୟକ ଦତ୍ତଙ୍କ ପ୍ରଶ୍ନ ଅନୁସାରେ ଜିଲାପାଳଙ୍କ ନିକଟରୁ ପ୍ରସ୍ତାବ ଗ୍ରହଣ ପୂର୍ବକ କଟକସ୍ଥିତ ଭୂ-ଅଭିଲେଖ ପରିମାପକ ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ନୂତନ ରାଜସ୍ୱ ଗ୍ରାମ ଘୋଷଣା ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି।

---

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

**କରଞ୍ଜିଆ, ୨୫।୭(କବିତା ମହାନ୍ତ):**

ମୟୂରଭଞ୍ଜ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଗୁରୁବାର ଦିନିକିଆ କରଞ୍ଜିଆ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦେଓ ନଦୀବନ୍ଧ ଯୋଜନାର ବର୍ତ୍ତମାନର ସ୍ଥିତି, ବିସ୍ଥାପନ କଲୋନୀରେ ଖେଳ ପଡ଼ିଆ, ମନ୍ଦିର ଓ ପାର୍କ ନିର୍ମାଣ ତଥା ବିସ୍ଥାପିତଙ୍କ ବକେୟା ଅର୍ଥ ଦେୟ ଉପରେ ସମୀକ୍ଷା କରିଥିଲେ। ପରେ ଜଙ୍ଗଲ ଜମି ସ୍ଥିତି ସମୀକ୍ଷା କରିଥିଲେ। ଶିମିଳିପାଳ ଅଞ୍ଚଳରେ ବନବାସୀମାନେ କିପରି ଅଫିମ ଚାଷରୁ ନିବୃତ୍ତ ରହି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ତାହା ଉପରେ ଆଲୋଚନା କରିଥିଲେ। ଏହାପରେ କରଞ୍ଜିଆସ୍ଥିତ ନୂତନ ବସ୍‌ଷ୍ଟାଣ୍ଡକୁ ଯାଇ ସେଠାରେ ନିର୍ମାଣ ହୋଇଥିବା ଦୋକାନ ଗୃହର ଆବଣ୍ଟନ ପାଇଁ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ପରିଷ୍କାର ପରିଚ୍ଛନ୍ନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଉଥିଲେ। ଏ ସମସ୍ତ କର୍ଯ୍ୟରେ କରଞ୍ଜିଆ ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦ, ଦେଓ ନଦୀ ବନ୍ଧର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଜୟ କୁମାର ସେଠି, କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ମହେନ୍ଦ୍ର କୁମାର ବେହେରା, ଦେଓ ବନ୍ଧର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ, କରଞ୍ଜିଆ ଡିଏଫଓ ସୁବ୍ରତ କୁମାର ପାତ୍ର, ସ୍ୱତନ୍ତ୍ର ଭୂ-ଅର୍ଜ୍ଜନ ଅଧିକାରୀ ନଗେନ୍ଦ୍ର ମାଝୀ, କରଞ୍ଜିଆ ବିଡିଓ ସୁଶାନ୍ତ କୁମାର ସୁତାର, ପିଏଆଇଟିଡିଏ ପ୍ରବୀର କୁମାର ବର୍ଣ୍ଣୁଆ, କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, ପୌର ଅଧିକାରୀ ଲଳିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ବ୍ୟାପକ କାଠ ଜବତ, ୩ ଗିରଫ**

ଢେଙ୍କିକୋଟ,(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ଗ୍ରାମ ମୁସଲିମ ବସ୍ତିରେ ବୁଧବାର କେନ୍ଦୁଝର ବନ ବିଭାଗ ଓ ଜିଲା ପୋଲିସ ମିଳିତ ଚଢ଼ାଉ କରିଥିଲା। ବନ ବିଭାଗ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାଠ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସିରାଜୁଦ୍ଦିନ (୪୯), ସେକ ହାଲିମ (୪୨) ଓ ସେକ ସୋଏବ(୨୨)। ବନ ବିଭାଗ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଘଟଗାଁ ଫରେଷ୍ଟର ଜତାନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।



**କେନ୍ଦୁଝର**

# ରୁଗ୍‌ଣ ଅବସ୍ଥାରେ କେନ୍ଦ୍ରୀୟ ଚିକିତ୍ସାଳୟ

ଯୋଡ଼ା,୨୫।୭(ମାନସ ମହାନ୍ତି)

■ଡାକ୍ତରଖାନା କୋଠା, କର୍ମଚାରୀ ଗୃହ ମରାମତି ହେଉନି

■୨ ଡାକ୍ତରରେ ଚାଲିଛି ରୋଗୀସେବା

ରାଜ୍ୟର ଖଣି ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା କେନ୍ଦ୍ରୀୟ ଚିକିତ୍ସାଳୟ ରୁଗ୍‌ଣ ଅବସ୍ଥାରେ ରହିଛି। ସେସ୍ ଅନୁଦାନ ପ୍ରତ୍ୟାହାର ପରେ ଡାକ୍ତରଖାନାରେ କର୍ମଚାରୀଙ୍କ ନୂତନ ନିଯୁକ୍ତି ହେଉ ନ ଥିବା ବେଳେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଡାକ୍ତରଖାନା କୋଠା ଦୀର୍ଘଦିନ ହେବ ମରାମତି ହୋଇ ନ ଥିବାରୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏକଦା ୪ ଜିଲାର ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ବେଳେ ଉପଯୁକ୍ତ ସେବାରୁ ବଞ୍ଚିତ ହୋଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୭୮ରେ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓଡ଼ିଶାରେ ଖଣି ବହୁଳ ସହର ଯୋଡ଼ାଠାରେ ୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରାୟ ୧୩ ଏକର ପରିମିତ ଅଞ୍ଚଳରେ ନିର୍ମାଣ ହୋଇଥିଲା। ଏଥିରେ ଡାକ୍ତର ଓ କର୍ମଚାରୀଙ୍କ ପାଇଁ କଲୋନୀ ନିର୍ମାଣ ହୋଇଥିଲା। ଓଡ଼ିଶାର ଏକମାତ୍ର ସେସ୍ (ସେଣ୍ଟ୍ରାଲ ଏକ୍ସାଇଜ) ହସ୍ପିଟାଲ ଭାବେ ଯୋଡ଼ା କେନ୍ଦ୍ରୀୟ ଚିକିତ୍ସାଳୟ ଉପରେ ଯାଜପୁରସ୍ଥିତ କ୍ରୋମାଇଟ ଖଣି, ଦୈତାରି ଲୁହାପଥର ଖଣି, ଯୋଡ଼ା, ସୁନ୍ଦରଗଡ଼ର କୋଇଡ଼ା, ମୟୂରଭଞ୍ଜର ବାଦାମପାହାଡ଼, ଗୋରୁମହିଷାଣିର ଖଣି ଶ୍ରମିକ ଚିକିତ୍ସା ସୁବିଧା ପାଉଥିଲେ। ଅତୀତରେ ଡାକ୍ତରଖାନାର ବହିର୍ବିଭାଗକୁ ଦୈନିକ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ୯୦ ଦଶକରୁ ୨୦୧୮ ପର୍ଯ୍ୟନ୍ତ ଆସୁଥିଲେ। ସେ ସମୟରେ ଡାକ୍ତରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉଥିବା ବେଳେ ୬ ଜଣ ଡାକ୍ତର ନିଯୁକ୍ତ ହୋଇଥିଲେ। ଜଣେ ଶଲ୍ୟ ଚିକିତ୍ସକଙ୍କ ସହ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ଓ ଟେକ୍ନିସିଆନ ନିୟୋଜିତ ଥିଲେ। ଅସ୍ତ୍ରୋପଚାରର ବ୍ୟବସ୍ଥା, ରକ୍ତଭଣ୍ଡାର, ରକ୍ତପରୀକ୍ଷାଗାର, ଏକ୍ସ-ରେ ମେଶିନ, ଅଲଟ୍ରାସାଉଣ୍ଡ, ଇସିଜି ପ୍ରଭୃତି ଅତ୍ୟାଧୁନିକ ସୁବିଧା ମିଳୁଥିଲା। ଶ୍ରମିକଙ୍କ ସମେତ ସାଧାରଣ ଲୋକ ମଧ୍ୟ ଏଠାରେ ଚିକିତ୍ସା ସୁବିଧା ପାଉଥିଲେ। ମାତ୍ର ଏବେ ଡାକ୍ତରଖାନାରେ ମାତ୍ର ୨ ଡାକ୍ତର, ଜଣେ ଷ୍ଟାଫନର୍ସ, ଜଣେ ଫାର୍ମାସିଷ୍ଟ, ଜଣେ ଇଲେକ୍ଟ୍ରିସିଆନ ଓ ଜଣେ ପ୍ଲମ୍ବର ନିୟୋଜିତ ହୋଇଛନ୍ତି। କର୍ମଚାରୀଙ୍କ ଅବସର ପରେ ଆଉ ନୂତନ ନିଯୁକ୍ତି ହେଉନାହିଁ। ଏକଦା ୨୪ ଘଣ୍ଟିଆ ସେବା ଯୋଗାଇ ଆସୁଥିବା ଚିକିତ୍ସାଳୟ ବର୍ତ୍ତମାନ ୨ ଘଣ୍ଟିଆ ଖୋଲା ରହୁଛି। ମରାମତି ହେଉ ନ ଥିବାରୁ କୋଠା ଓ କର୍ମଚାରୀ ଗୃହ ଅସୁରକ୍ଷିତ ଅବସ୍ଥାରେ ରହିଛି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଆସବାବପତ୍ର ଓ ମୂଲ୍ୟବାନ୍ ମେଶିନ ଖତ ଖାଇଗଲାଣି। ଖଣି ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ଏକ ସୁପର ସ୍ପେଶାଲ ହସ୍ପିଟାଲ ପାଇଁ ଦାବି ଉଠାଉଛନ୍ତି। ମାତ୍ର ରୁଗ୍‌ଣ ଅବସ୍ଥାରେ ଥିବା କେନ୍ଦ୍ରୀୟ ଚିକିତ୍ସାଳୟକୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ରୂପାନ୍ତରିତ କରିବା ପାଇଁ ଉଦ୍ୟମ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି।



କେନ୍ଦ୍ରୀୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁରେଶ କୁମାର କହିଛନ୍ତି, ସେସ୍ ଅନୁଦାନ ବନ୍ଦ ପରେ ଅଚଳାବସ୍ଥା ଦେଖାଦେଇଛି। ଡାକ୍ତରଖାନା ଏବେ ଇଏସ୍ଆଇ(ଏମ୍ପ୍ଲୋଇ ଷ୍ଟେଟ୍ ଇନ୍ସୁରାନ୍ସ) ଅଧୀନକୁ ଚାଲିଯାଇଛି। ଅତୀତରେ ଖଣି ଶ୍ରମିକମାନେ ବି ରେଜିଷ୍ଟର ଅନ୍ତର୍ଭୁକ୍ତ ହୋଇ ସେସ୍ ମାଧ୍ୟମରେ ମାଗଣା ଚିକିତ୍ସା ପାଉଥିଲେ। ଅଧୁନା ଇଏସ୍ଆଇ ଯୋଜନା ମାଧ୍ୟମରେ ଚିକିତ୍ସା ପାଉଛନ୍ତି। ଇଏସ୍ଆଇ ଅଧୀନକୁ ଡାକ୍ତରଖାନାଟି ଯିବା ପରେ ସ୍ୱଳ୍ପ ଅନୁଦାନ ମିଳୁଛି। ଇଏସ୍ଆଇ କର୍ତ୍ତୃପକ୍ଷ ଯୋଡ଼ା କେନ୍ଦ୍ରୀୟ ଚିକିତ୍ସାଳୟକୁ ୩ ଥର ପରିଦର୍ଶନରେ ଆସିଛନ୍ତି। କିଛି ପରିବର୍ତ୍ତନ ହେଉନାହିଁ। ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି, ୨୦୧୫ରେ ସେସ୍ ବିଭାଗ ସହ ଇଏସ୍ଆଇ ଅନୁବନ୍ଧିତ କରିବା ପାଇଁ ଏକ ପ୍ରସ୍ତାବ କେନ୍ଦ୍ର ସରକାର ଆଗତ କରିଥିଲେ। ଏଯାବତ ସ୍ଥଗିତ ରହିଛି।

ସୂଚନାଯୋଗ୍ୟ, ୨୦୧୮ରେ ସମଗ୍ର ଦେଶରେ ଗୋଟିଏ ଦେଶ ଗୋଟିଏ କର ନୀତିରେ ଜିଏସ୍‌ଟି ଲାଗୁହେଲା। ଫଳରେ ସେଣ୍ଟ୍ରାଲ ଏକ୍ସାଇଜ ବା ସେସ୍ ଯାହାକି ଖଣି ଲିଜ୍‌ଧାରୀମାନେ ଶ୍ରମିକ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କୁ ଦେଉଥିଲେ, ତାହା ଜିଏସ୍‌ଟିରେ ରୂପାନ୍ତରିତ ହୋଇ ବନ୍ଦ ହୋଇଗଲା। ଫଳରେ ଶ୍ରମ ମନ୍ତ୍ରଣାଳୟରୁ କେନ୍ଦ୍ରୀୟ ଚିକିତ୍ସାଳୟକୁ ସେସ୍ ଜରିଆରେ ଆସୁଥିବା ଅନୁଦାନ ବନ୍ଦ ହୋଇଗଲା।

## ୬ ଗାଡ଼ି କାଚ ଭାଙ୍ଗିଲେ ଦୁର୍ବୃତ୍ତ

ଯୋଡ଼ା,୨୫।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ବୁଧବାର ରାତିରେ ଦୁର୍ବୃତ୍ତ ୬ ଗାଡ଼ିର କାଚ ଭାଙ୍ଗି ଆତଙ୍କ ଖେଳାଇଛନ୍ତି। ଯୋଡ଼ା ବଜାରରେ ୨ ଫର୍ଚୁନର, ୨ ଆଇ ୨୦ ହୁଣ୍ଡାଇ ଓ କମାର ଯୋଡ଼ାଠାରେ ୨ କ୍ରେଟା ହୁଣ୍ଡାଇ କାର କାଚ ଭଙ୍ଗାରୁଜା କରିଛନ୍ତି। ଘର ସମ୍ମୁଖରେ ଏହି ଗାଡ଼ିଗୁଡ଼ିକୁ ରଖା ଯାଇଥିବା ବେଳେ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ କାଚ ଭାଙ୍ଗି ଥିବା ଗାଡ଼ିମାଲିକମାନେ କହିଛନ୍ତି। ଦୁର୍ବୃତ୍ତମାନେ କ'ଣ ପାଇଁ ଏହି କାଣ୍ଡ ଭିଆଇଲେ ପୋଲିସ କୌଣସି ସୂଚନା ଦେଇନାହିଁ। ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

## ନୂତନ କୃଷି ଅଧିକାରୀଙ୍କ ଯୋଗଦାନ

ବଉଳା,୨୫।୭(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମରୈଗାଁ କୃଷି କାର୍ଯ୍ୟାଳୟରେ ନୂତନ କୃଷି ଅଧିକାରୀ ଭାବେ ଡ. ଦେବୀ ପ୍ରସାଦ ଖୁଣ୍ଟିଆ ଯୋଗଦାନ କରିଛନ୍ତି। ସେ କୃଷି ନିର୍ଦ୍ଦେଶାଳୟ ଭୁବନେଶ୍ୱର ପି.ଏମ କିସାନର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଯୋଗଦାନ ପରେ କୃଷି କାର୍ଯ୍ୟାଳୟର ବିଭିନ୍ନ ସରକାରୀ ଯୋଜନାକୁ ତଦାରଖ କରିବା ସହିତ ଚାଷୀ କିଭଳି ସରକାରୀ ଯୋଜନାର ଲାଭ ଉଠାଇବେ ସେଥିପ୍ରତି ଧ୍ୟାନ ଦେବେ ବୋଲି କହିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଲେ ମୟୂରଭଞ୍ଜ ଏମ୍‌ପି

ବାରିପଦା,୨୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ ଦାବି**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାର ପ୍ରଶସ୍ତୀକରଣ ପାଇଁ ଯଥାଶୀଘ୍ର ଟେଣ୍ଡର କରିବାକୁ ଦାବି କରାଯାଇଛି। ଏ ନେଇ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ପତ୍ର ମାଧ୍ୟମରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଅବଗତ କରିଛନ୍ତି। ୭କି.ମି. ୬୦୦ ମିଟର ଚାରି ଥାକିଆ ଘାଟି ରାସ୍ତା ନିର୍ମାଣ କରିବା ନିମନ୍ତେ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ମିଳିବା ପରେ ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ଏହି ରିପୋର୍ଟ ଓଡ଼ିଶାର ଚଣ୍ଡିଖୋଲସ୍ଥିତ ଏନ୍ଏଚ୍ଆଇ ବିଭାଗରେ ପଡ଼ିରହିଥିବା ବେଳେ ଏହାର ଅଗ୍ରଗତି ହେଉନାହିଁ। ଏନ୍ଏଚ୍ଆଇ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଏମ୍‌ପି ମାଝୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଥାଉକି, ଦ୍ୱାରଶୁଣୀ ଘାଟିରେ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେବାରେ ଲାଗିଛି। ମରଣଯନ୍ତା ସାଜିଥିବା ଏହି ଘାଟି ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସ୍ୱୀକୃତି ମିଳିସାରିଥିବା ବେଳେ ଏନ୍ଏଚ୍ଆଇ ବିଭାଗ ନିକଟରେ ଫାଇଲ ପଡ଼ି ରହିଛି। ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଟେଣ୍ଡର କରା ନ ଯିବାରୁ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବାରେ ଲାଗିଛି। ଏଥିପ୍ରତି ଗୁରୁତ୍ୱ ଦେଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଝିଅ ବାହାଘରର ୧୫ ଦିନରେ ବାପାଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର,୨୫।୭(ଗଣେଶ୍ୱର ସା)

**ଅସହାୟ ହୋଇଗଲେ ପରିବାର**

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ବାତୋ ପଞ୍ଚାୟତ ଅନ୍ତର୍ଗତ ତମ୍ପୋ ଗ୍ରାମରେ ଜଣେ ବ୍ୟକ୍ତି ଝିଅ ବାହାଘରର ୧୫ ଦିନ ଭିତରେ ଝିଅକୁ ଝୁରି ଝୁରି ମୃତ୍ୟୁବରଣ କରିଛନ୍ତି। ମୃତକ ଗ୍ରାମର ପର୍ଶୁରାମ ଜେନା (୫୪)। ପର୍ଶୁରାମ ଗତ ଶୁକ୍ରବାର ଅପରାହ୍ନ ୩ ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ସ୍ତ୍ରୀ ମୀନାକ୍ଷୀ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସାମାନ୍ୟ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୀନାକ୍ଷୀଙ୍କ କହିବା ମୁତାବକ ପୁଅ ନ ଥିବାରୁ ୪ ଝିଅଙ୍କୁ ପର୍ଶୁରାମ ବହୁତ ଭଲ ପାଆନ୍ତି। ପୂର୍ବରୁ ବଡ଼ ଝିଅର ବାହାଘର ସରିଥିଲା। ଏବେ ବଡ଼ ମଝିଆ ଝିଅର ବାହାଘର ପରେ ଝିଅ କଥା ଭାବି ଭାବି ଖାଇବା ପିଇବା ଠିକ୍‌ଭାବେ କରୁ ନ ଥିଲେ। ଝିଅର ଚିନ୍ତାରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିଲେ। ଏବେ ପରିବାର କହିଲେ ୨ ଝିଅ ଓ ବିଧବା ମା'। ଭଙ୍ଗା ଦଦରା ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଟଙ୍କା ନ ଥିବାରୁ ଶୁଦ୍ଧିକ୍ରିୟା କିପରି ହେବ ସେ ନେଇ ମୀନାକ୍ଷୀ ଚିନ୍ତାରେ ରହିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାନ୍ତି ତେବେ ଶୁଦ୍ଧିକ୍ରିୟା ହୋଇପାରନ୍ତା ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ବିଧବାଭତ୍ତା ଯୋଗାଇଦେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ସଫେଇ, ପରିମଳ କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର




ଓଡ଼ିଶା ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ ରାଜ୍ୟ କମିଟି ସଦସ୍ୟ।

କେନ୍ଦୁଝର,୨୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ ରାଜ୍ୟ କମିଟି ପକ୍ଷରୁ କାର୍ଯ୍ୟରତ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ଗୁରୁବାର ୧୦ଦଫା ଦାବି ନେଇ କେନ୍ଦୁଝର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦୁଝରଗଡ ପୌରାଧକ୍ଷା ନିକୁ ସାହୁଙ୍କ ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ମଧ୍ୟ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ଅନୁଯାୟୀ, ସରକାରଙ୍କ ଅଧୀନରେ ସରକାରୀ ସେବାରେ ନିୟମିତ ଭାବେ କାମ କରୁଥିଲେ ହେଁ ସରକାରଙ୍କ ପକ୍ଷରୁ ଏମାନଙ୍କୁ ନିଜର କର୍ମଚାରୀ ଭାବେ ଗ୍ରହଣ କରାଯାଉ ନ ଥିବା, ସର୍ବନିମ୍ନ ଦରମା କିମ୍ବା ସମ୍ମାନ ଦିଆଯାଇନାହିଁ। ବିନା କୌଣସି ନିଯୁକ୍ତି ପତ୍ରରେ ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ସ୍ୱଳ୍ପ ପାରିଶ୍ରମିକ ପାଉଥିବା ବେଳେ ଗତ ନିର୍ବାଚନ ପୂର୍ବରୁ ୮ ରୁ ୧୨ ହଜାର ପର୍ଯ୍ୟନ୍ତ ଟଙ୍କାକୁ ବୃଦ୍ଧି କରାଯାଇଛି। ମାତ୍ର ସରକାର ଦରମା ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ନ କରି ତାକୁ ୟୁଏଲବିମାନଙ୍କ ଦୟାରେ ଛାଡ଼ିଦେବା ଫଳରେ ସେମାନେ ଦରମାରେ ୟୁଜର୍ସ ଫି ଆଦାୟର ସର୍ତ୍ତ ରଖୁଥିବା ଜଣାପଡ଼ିଛି। ତେଣୁ ଘୋଷିତ ବର୍ଦ୍ଧିତ ଦରମାକୁ ବିନା କୌଣସି ସର୍ତ୍ତରେ ନିର୍ଦ୍ଦେଶନାମା ଦିନଠାରୁ ଲାଗୁ, ଶ୍ରମ ଆଇନ ଅନୁସାରେ କେନ୍ଦ୍ରୀୟ ପ୍ରକଳ୍ପ ଅଥବା ରାଜ୍ୟ ପ୍ରକଳ୍ପ ଆଧାରରେ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ, ବିଭିନ୍ନ ସରକାରୀ ଛୁଟି ଦିବସରେ ଛୁଟି, ୟୁଜର୍ସ ଫି ସଂଗ୍ରହ ବେଳେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ୟୁଜର୍ସ ଫି ବାବଦରେ ଦେୟ ସଂଗ୍ରହ ସହିତ ସ୍ୱଚ୍ଛ ସାଥୀ ଓ ସୁପରଭାଇଜରଙ୍କ ମାସିକ ଦରମାକୁ ସଂଯୁକ୍ତ ଯୁକ୍ତ ନ କରିବା, ବୀମାଭୁକ୍ତ କରିବା ସହିତ ସାମାଜିକ ସୁରକ୍ଷା ଓ ୟୁନିଫର୍ମ ପ୍ରଦାନ, ପ୍ରସୂତି ସମୟରେ ୬ ମାସ ସବୈତନିକ ଛୁଟି, ଅନ୍ୟାନ୍ୟ କର୍ମଚାରୀଙ୍କ ପରି ଇପିଏଫ ଓ ଇଏସ୍ଆଇର ସୁବିଧା ସମେତ ଅନ୍ୟାନ୍ୟ ଦାବି ସମ୍ପର୍କରେ ଟମାସା ନାୟକ, ବିଜୟଲକ୍ଷ୍ମୀ ନାଏକ, ରେବତୀ ନାଏକ, ପୂର୍ଣ୍ଣିମା କୁଆଁର, ଚାରୁଲତା ଦାସ, ସୁଚିତ୍ରା ଝରା, ସୁଚିସ୍ମିତା ରାୟ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଯକ୍ଷ୍ମା ରୋଗ ସମ୍ପର୍କିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବୈଶିଙ୍ଗା,୨୫।୭(ରତନ ଦାଶ):

ଯକ୍ଷ୍ମାଭଳି ପ୍ରାଣଘାତକ ରୋଗକୁ ସମୂଳେ ପ୍ରତିହତ କରିବା ଏବଂ ଜିଲାକୁ ସମ୍ପୂର୍ଣ୍ଣ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏହି ଉପଲକ୍ଷେ ବୈଶିଙ୍ଗା ଥାନା ଅନ୍ତର୍ଗତ ଖଇରବଣି ଆଶ୍ରମ ବିଦ୍ୟାଳୟରେ ଯକ୍ଷ୍ମା ରୋଗ ସମ୍ପର୍କିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। 'ଫାଇଣ୍ଡ' ସ୍ୱେଚ୍ଛାସେବୀ ସଂସ୍ଥା ଓ ଜିଲା ସ୍ୱାସ୍ଥ୍ୟବିଭାଗ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ସେମାନଙ୍କୁ ଯକ୍ଷ୍ମା ରୋଗ ବିଷୟରେ ସଚେତନ ବାର୍ତ୍ତା ଦିଆଯିବା ସହିତ ଲକ୍ଷଣ ନ ଥିବା ଓ ସାମାନ୍ୟ ଲକ୍ଷଣ ଥିବା ୭୦ରୁ ଅଧିକଙ୍କଠାରୁ କଫ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ଏହି ଶିବିରରେ 'ଫାଇଣ୍ଡ'ର ଜିଲା ସଂଯୋଜକ ଅନିଲ କୁମାର ଘନ, ଫିଲଡ ଅଫିସର ବିନୋଦ କୁମାର ବାରିକ, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞ ଡା.ଦେବୀରଞ୍ଜନ ଖିଲାର ପ୍ରମୁଖଙ୍କ ସହିତ ଏକ ଟିମ୍ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନିତା ଦାଶଙ୍କ ସମେତ ଅନ୍ୟ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଉଠା ଜଳସେଚନ ପ୍ରକଳ୍ପ ଅଚଳ, ଚିନ୍ତାରେ ଚାଷୀ

ପାଟଣା,୨୫।୭(ବିରକିଶୋର ଦାଶ)

କେନ୍ଦୁଝର ଜିଲା ବୈତରଣୀ ନଦୀ ଅବବାହିକାରେ ଥିବା ୩ ଉଠା ଜଳସେଚନ ପ୍ରକଳ୍ପର ଟ୍ରାନ୍ସଫର୍ମର ପୋଡ଼ି ଯିବାରୁ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ପାଟଣା ବ୍ଲକ୍ ମୁରୁସୁଆଁ ପଞ୍ଚାୟତ ମୁରୁସୁଆଁ ଏବଂ ଧୁରୁଆପଡ଼ା ଗ୍ରାମର ଚାଷୀକୂଳ ଏବେ ଚିନ୍ତାରେ ପଡିଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ଜିଲାପାଳଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାମ ଆଗେଇ ପାରୁ ନ ଥିବା ବେଳେ ଅଚଳ ଲିଫ୍ଟ ଇରିଗେଶନକୁ ଯୁଦ୍ଧକାଳୀନ ଭିତ୍ତିରେ ଚଳାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଚାଷ ଜମିକୁ ପାଣି ମଡ଼ାଇବା ପାଇଁ ଚାଷୀ ଉଠା ଜଳସେଚନ ପ୍ରକଳ୍ପ ଉପରେ ଭରସା କରିଥିଲେ ହେଁ ପ୍ରକଳ୍ପ ଅଚଳ ଯୋଗୁ ଏବେ ଏକର ଏକର ପରିମିତ ଚାଷ ଜମି ପଡ଼ିଆ ରହିଛି। ଏଥି ପ୍ରତି ଜିଲା ପାଳ ଦୃଷ୍ଟି ଦେଇ ତୁରନ୍ତ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ସରପଞ୍ଚ ହରି ଶଙ୍କର ଦେହୁରୀଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

## ଡେଙ୍ଗୁ ପ୍ରତିରୋଧ ପାଇଁ ଘରୋଇ କମ୍ପାନୀକୁ ଦାୟିତ୍ୱ

ବଡବିଲ,୨୫।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ଡେଙ୍ଗୁ ରୋଗର ପ୍ରତିରୋଧ ପାଇଁ ପୌରପାଳିକା ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେଥିନିମନ୍ତେ ପୌର ନିର୍ବାହୀ ଅଧିକାରୀ ବିଶ୍ୱଜିତ ରାୟଙ୍କ ଉଦ୍ୟମରେ ଗୁରୁବାର ସ୍ଥାନୀୟ ପୌର କାଉନ୍‌ସିଲ ହଲରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଭିନ୍ନ ଘରୋଇ କମ୍ପାନୀର ପ୍ରତିନିଧିଙ୍କ ସହିତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା. ସୌଭାଗ୍ୟ ରଶ୍ମୀ ରଞ୍ଜନ ସାମଲଙ୍କ ତତ୍ତ୍ୱାବଧାନରେ ପୌର ଯନ୍ତ୍ରୀ, ବରିଷ୍ଠ କିରାଣୀ ଓ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ତେବେ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟରେ ପୌରାଞ୍ଚଳର ୧୫ ଗୋଟି ୱାର୍ଡର ପ୍ରତିଷେଧକ ବ୍ୟବସ୍ଥା କରିବାକୁ ପୌରପାଳିକା ପକ୍ଷରୁ ଅନୁରୋଧ କରାଯାଇଥିବା ଜଣାପଡ଼ିଛି।

## ଚାରାରୋପଣ କାର୍ଯ୍ୟକ୍ରମ

ଉଦଳା,୨୫।୭(ସନ୍ତୋଷ କୁମାର ବାଛିନୀ):

ଉଦଳା ଏନ୍ଏସି ଅଧୀନ ମେଣ୍ଢାଖାଇସ୍ଥିତ ୯ନଂ. ୱାର୍ଡରେ ଆଦି ଅନାଦି ଚରଣ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ କରାଯାଇଛି। ଗୁରୁବାର ଫାଉଣ୍ଡେଶନର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଫାଉଣ୍ଡେଶନର ମୁଖ୍ୟ ବିଶ୍ୱଜିତ୍ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଟା ପାୱାର ଉଦଳା ଶାଖାର ଇଞ୍ଜିନିୟର ସଞ୍ଜୟ ଦାସ, ପ୍ରଦୀପ ମହାନ୍ତି, ଅମୀୟ କୁମାର ବଳ, ମୁରଲୀ ଶିଅଳ, ସ୍ୱରୂପ ମହାପାତ୍ର, ରବିନ ମହାନ୍ତି, ଜିତେନ୍ଦ୍ର ହେମ୍ବ୍ରମ୍, ପ୍ରଭାକର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ବଉଳ, ଆମ୍ବ, ଥାଇଲାଣ୍ଡ କୋଳି, ସପେଟା, ମିଆଜାକି, ମୂଲ୍ୟବାନ ବିଦେଶୀ ଆମ୍ବ ଚାରା, ପିଜୁଳି, କମଳା, ଡାଳିମ୍ବ, ନାସପାତି ଆଦି ଫଳଚାରା ରୋପଣ କରାଯାଇଥିଲା। ଆଗାମୀ ଦିନରେ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦଳା ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ବ୍ୟାପକ କରାଯିବ ବୋଲି ନାୟକ ସୂଚନା ଦେଇଛନ୍ତି।

## ଜାତୀୟ ଭାବନାରେ ପାଳନ କରିବାକୁ ଆହ୍ୱାନ

କେନ୍ଦୁଝର,୨୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି**

କେନ୍ଦୁଝର ଜିଲା ସଦର ମହକୁମାରେ ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ଅଧ୍ୟକ୍ଷତା କରି ସ୍ୱାଧୀନତା ଦିବସକୁ ଜାତୀୟ ଭାବନା ସହକାରେ ବିପୁଳ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ଉଦୀପନା ସହିତ ପାଳନ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି। ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟୁଷରେ ରାମଧୂନ୍ ପ୍ରଚାର, ସକାଳେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ ଟାରୁ ୭.୩୦ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୮ଟା ୪୫ ରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୯ଟା ୧୫ ରେ ଜିଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ଆନୁଷ୍ଠାନିକ ପରେଡ୍ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପରେଡ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ, ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ କବିତା ପାଠୋତ୍ସବ ଏବଂ ସନ୍ଧ୍ୟାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ୱାଧୀନତା ଦିବସ ଉପଲକ୍ଷେ ଅଗଷ୍ଟ ୫ ରୁ ୭ ତାରିଖ ମଧ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, କୁଇଜ, ଦୃଷ୍ଟିଶକ୍ତିବାଧିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଛାତ୍ରୀ ଓ ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସୁପରିଚାଳନା ନିମନ୍ତେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଲଳିତ ସୋରେଂଗ, ପିଏ ଆଇଟିଡିଏ ସୌମ୍ୟ ସାର୍ଥକ ମିଶ୍ର, ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରବିନ୍ଦ୍ର ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ଚନ୍ଦ୍ର ପୃଷ୍ଟି, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, କେନ୍ଦୁଝର ସଦର ବିଡିଓ ତିଳୋତ୍ତମା ପୃଷ୍ଟି, ରିଜର୍ଭ ଇନସ୍ପେକ୍ଟର ମାନସ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟସୂଚୀ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## କାମରେ ଲାଗୁନି ମାର୍କେଟ କମ୍ପ୍ଲେକ୍ସ

**ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଚମ୍ପୁଆ,୨୫।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅଧୀନସ୍ଥ ବଡ଼ନଇ ପଞ୍ଚାୟତରେ ଦୀର୍ଘ ବର୍ଷ ହେବ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଗୃହ କାମରେ ଲାଗୁନି। ଆବଣ୍ଟନ ହୋଇପାରୁ ନ ଥିବାରୁ ସରକାରଙ୍କ ଅନେକ ଲକ୍ଷ ଟଙ୍କା ପାଣିରେ ପଡ଼ିବ ବୋଲି ଗ୍ରାମବାସୀ ମତ ପୋଷଣ କରିଛନ୍ତି। ଦୋକାନ ଗୃହଗୁଡ଼ିକ ତୁରନ୍ତ କାର୍ଯ୍ୟକ୍ଷମ ସହିତ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଚମ୍ପୁଆ ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡିଓ ଚୁନୁ ହାଁସଦାଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଅନୁଯାୟୀ, ପୂର୍ବରୁ ରାସ୍ତା କଡ଼ରେ ଉଠା ଦୋକାନ କରି ଚଳି ଆସୁଥିବା ଗରିବ ଓ ଦିବ୍ୟାଙ୍ଗ ଦୋକାନୀଙ୍କୁ ରାସ୍ତା ସମ୍ପ୍ରସାରଣ ପାଇଁ ଦୋକାନ ଉଠାଇବାକୁ ପରାମର୍ଶ ଦିଆଯାଇଛି। ମାତ୍ର ଦୀର୍ଘ ବର୍ଷ ହେବ ନିର୍ମିତ ହୋଇପଡ଼ି ରହିଥିବା ଏହି ମାର୍କେଟ କମ୍ପ୍ଲେକ୍ସ ଆଜି ପର୍ଯ୍ୟନ୍ତ କାହାକୁ ପ୍ରଦାନ କରାଯାଉନାହିଁ। ଫଳରେ ରାସ୍ତା ସମ୍ପ୍ରସାରଣ ହେଲେ ଦୋକାନୀମାନେ ଆର୍ଥିକ କଷ୍ଟ ଭୋଗିବାର ସମ୍ଭାବନା ଦେଖାଦେଇଛି। ଏପରିକି ଉକ୍ତ ରାସ୍ତା କଡ଼ରେ ଦୋକାନ ଘର କରି ପରିବାର ପ୍ରତିପୋଷଣ କରୁଥିବା ଦିବ୍ୟାଙ୍ଗ ଉତ୍ତମ ପାଣିଗ୍ରାହୀ ତୁରନ୍ତ ତାଙ୍କୁ ଦୋକାନ ଘର ଯୋଗାଇ ଦେବାକୁ ଏବିଡିଓଙ୍କୁ ଗୁହାରି କରିଥିଲେ। ଏବିଡିଓ ଚୁନୁ ହାଁସଦା କହିଛନ୍ତି, ଦୋକାନ ଘରଗୁଡ଼ିକ ପଞ୍ଚାୟତ ଅଧୀନରେ ରହିଥିବା ବେଳେ ଏହାର ମାଲିକ ସରପଞ୍ଚ ଅଟନ୍ତି। ଦୀର୍ଘ ଦିନ ଧରି ଏହି ମାର୍କେଟ କମ୍ପ୍ଲେକ୍ସ କ'ଣ ପାଇଁ ପ୍ରଦାନ କରାଯାଉ ନାହିଁ, ସେ ବିଷୟରେ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କୁ ପଚାରିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।



ଆବଣ୍ଟନ ହୋଇ ନ ଥିବା ଦୋକାନ ଗୃହ।

